ବର୍ଷ-୨୫, ସଂଖ୍ୟା-୩୮
ଭୁବନେଶ୍ୱର
୦୮, ଫେବୃଆରୀ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 38
Bhubaneswar
08 February, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



କୋହଲିଙ୍କୁ ନେଇ ଓଡ଼ିଶାରେ କ୍ରେଜ୍

# ସରକାରୀ ଚାକିରୀ ଜନସେବାର ଏକ ମାଧ୍ୟମ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୨(ମହାଭାରତ):** ସରକାରୀ ଚାକିରି କେବଳ ଏକ ଜୀବନ ଜୀବିକାର ସାଧନ ନୁହେଁ । ଏହା ଜନସେବାର ଏକ ମାଧ୍ୟମ । ସାଧାରଣ ଜନତା, ସରକାର ଏବଂ ସରକାରୀ ବିଧି ବ୍ୟବସ୍ଥାରୁ ଅନେକ ଆଶା ଆକାଂକ୍ଷା କରିଥାନ୍ତି, ଏବଂ ସେ ସବୁକୁ ପୂରଣ କରିବା ପାଇଁ ଆପଣମାନେ ହେଉଛନ୍ତି ସବୁଠାରୁ ବଡ଼ ମାଧ୍ୟମ । କାରଣ, ତୃଣମୂଳ ସ୍ତରରେ ଯୋଜନା ଏବଂ କାର୍ଯ୍ୟକ୍ରମର ରୂପାୟନ ଦାୟିତ୍ୱ ଆପଣଙ୍କ କାନ୍ଧରେ । ମୁଁ ଆଶା କରୁଛି, ଏବଂ ମୋର ପୁରା ବିଶ୍ୱାସ ଯେ, ଏହାକୁ ପୂରଣ କରିବାରେ ଆପଣମାନେ ସମସ୍ତେ ସମର୍ଥ ହେବେ ।

ଆଜି ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ପଡିଆଠାରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଇ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଆଜି ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ନିଯୁକ୍ତି କାର୍ଯ୍ୟକ୍ରମରେ କେବଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨,୮୭୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨,୭୬୭, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରେ ୨୩୨, ଅର୍ଥ ବିଭାଗରେ ୧୩୦, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ୧୦୪, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୬୨, ଜଳ ସମ୍ପଦ ବିଭାଗରେ ୫୭ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ୭ ମାସ ମଧ୍ୟରେ ଆମେ ୬ ଥର ନିଯୁକ୍ତି ମେଳାର ଆୟୋଜନ କରି ୨୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛୁ । ଆଜି ଏହି ନିଯୁକ୍ତି ମେଳାରେ ୯ ଟି ବିଭାଗର ପ୍ରାୟ ୬,୩୦୦ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି । ଏହାଦ୍ୱାରା ବର୍ତ୍ତମାନ ସୁଦ୍ଧା ୭ଟି ନିଯୁକ୍ତି ମେଳାରେ ୨୬ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି । ଆମ ସରକାରର ପ୍ରଥମ ଦୁଇ ବର୍ଷ ମଧ୍ୟରେ ୬୫ ହଜାରରୁ ଅଧିକ ନିଯୁକ୍ତି ଦିଆଯିବ ବୋଲି ସେ ଘୋଷଣା କରିଥିଲେ । ନବନିଯୁକ୍ତମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କର ଜୀବନର ଏକ ନୂତନ ଅଧ୍ୟାୟ ଆଜି ଆରମ୍ଭ ହେଉଛି । ଆଜି କାଲି, ବିଶେଷ ଭାବେ ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ସରକାରୀ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ବହୁତ କମ୍ । ଉଦାହରଣ ସ୍ୱରୂପ, ପ୍ରତିରକ୍ଷାକୁ ମିଶେଇ କେନ୍ଦ୍ର ସରକାରରେ ପ୍ରାୟ ୩୫ ଲକ୍ଷ ଲୋକ ନିଯୁକ୍ତ ହୋଇଥିବା ବେଳେ ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୩ ଲକ୍ଷ କର୍ମଚାରୀ ଅଛନ୍ତି ।



**୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ରାଜ୍ୟ ସରକାର**

**୮ ମାସରେ ୨୬ ହଜାରରୁ ଅଧିକ ସରକାରୀ ନିଯୁକ୍ତି**

**ଦୁର୍ନୀତି ବିରୋଧୀ ଅଭିଯାନ ଜାରି ରହିବ : ମୁଖ୍ୟମନ୍ତ୍ରୀ**

ସେ ପୁଣି କହିଲେ ଯେ, ଖାଲିଥିବା ପଦ ପଦବୀକୁ ସାମିଲ କଲେ ମଧ୍ୟ ସର୍ବାଧିକ ସାଢ଼େ ଚାରି ଲକ୍ଷ ଲୋକ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଅର୍ଥାତ, ରାଜ୍ୟ ଜନସଂଖ୍ୟାର ଏକ ପ୍ରତିଶତରୁ ବି କମ୍ ଲୋକ, ସରକାରୀ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଥାଆନ୍ତି । ଏହି ଏକ ପ୍ରତିଶତରେ ଆପଣମାନେ ସୁଯୋଗ ପାଇଛନ୍ତି । ଏଥିରେ ଆପଣମାନଙ୍କର କଠିନ ପରିଶ୍ରମ ଏବଂ ପିତାମାତାଙ୍କ ଆଶୀର୍ବାଦ ମଧ୍ୟ ରହିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସବୁ ନବନିଯୁକ୍ତ ମାନେ ଏକ ଅଲେଖା ସିଲଟରେ ନିଜର କର୍ମମୟ ଜୀବନ ଆରମ୍ଭ କରିଛନ୍ତି । ଅଢ଼େଇ ଦଶନ୍ଧିର ଏକ ଶାସନ ବ୍ୟବସ୍ଥାର ହ୍ୟାଙ୍ଗ ଓଭର୍ ଆପଣମାନଙ୍କ ପାଖରେ ନାହିଁ । ତେଣୁ, ଖୋଲା ମନ, ଖୋଲା ହୃଦୟର ସହିତ ଆପଣମାନେ କାମ କରିବାର ସୁଯୋଗ ପାଇଛନ୍ତି । ଏହି ସୁଯୋଗର ସଦୁପଯୋଗ କରି ସମାଜର କଲ୍ୟାଣ ପାଇଁ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଏବେ ବିକାଶର ନୂତନ ସୂର୍ଯ୍ୟ ଉଦୟ ହୋଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦିଗ୍‌ଦର୍ଶନରେ ଆମ ସରକାର ଓଡ଼ିଶାରେ ପ୍ରଗତିର ଧାରାକୁ ବହୁଗୁଣିତ କରିବା ପାଇଁ ପ୍ରତିମୁହୂର୍ତ୍ତର ସଦୁପଯୋଗ କରି କାମ କରୁଛନ୍ତି । ଆମେ ସମସ୍ତେ ଏପରି ଜଣେ ଯୋଗଜନ୍ମାଙ୍କ ନେତୃତ୍ୱ ଏବଂ ଦିଗଦର୍ଶନରେ କାର୍ଯ୍ୟ କରିବାର ସୁଯୋଗ ପାଇଛୁ, ଏବଂ ଏହି ସୁଯୋଗର ସଦୁପୋଯୋଗ କରି ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରୁଛୁ ଏବଂ ଏହି ଦେଶ ନିର୍ମାଣ ଯଜ୍ଞରେ ଆପଣମାନେ ଆଜିଠାରୁ ସାମିଲ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ ପୁଣି କହିଲେ ଯେ, ବିକାଶ ଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୁ କରିବା ଦିଗରେ ଦକ୍ଷ ଓ ଉତ୍ତମ ମାନବ ସମ୍ବଳ ଅପରିହାର୍ଯ୍ୟ । ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ସରକାରୀ ବ୍ୟବସ୍ଥା ସକ୍ରିୟ ଓ ସଜାଗ ରହେ ଏବଂ ଜନସାଧାରଣଙ୍କୁ ସଠିକ୍ ସମୟରେ ଆବଶ୍ୟକ ସେବା ଯୋଗାଇ ଦିଆଯାଏ । ଏହି ମୌଳିକ ସତ୍ୟକୁ ଉପଲବ୍ଧି କରି ଆମ ସରକାର ଦାୟିତ୍ୱ ନେବା ପରେ ପରେ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ ।ଏହାକୁ ସୁନିଶ୍ଚିତ କରିବା ପାଇଁ ସମୀକ୍ଷା ବୈଠକ କରାଯାଇ ମାର୍ଚ୍ଚ ମାସ ଶେଷ ସୁଦ୍ଧା, ସମସ୍ତେ ନିଜ ନିଜ ବିଭାଗରେ ଖାଲିଥିବା ପଦକୁ ଚିହ୍ନଟ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ଓଡ଼ିଶାର ବିକାଶର ଲକ୍ଷ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ଓଡ଼ିଶାକୁ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ କରିବାର ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ଆମ ସରକାର ସବୁକ୍ଷେତ୍ର ସହିତ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେଉଛି । କେବଳ ସରକାରୀ କ୍ଷେତ୍ରରେ ଏହି ପାଂଚବର୍ଷ ମଧ୍ୟରେ ଦେଢ଼ ଲକ୍ଷ ନିଯୁକ୍ତିର ଲକ୍ଷ୍ୟ ରଖାଯାଇଛି । ନିଯୁକ୍ତି କ୍ଷେତ୍ରରେ ଆମର ଫୋକସ୍ ଯୁବଶକ୍ତିର ଉପଯୋଗ ପାଇଁ ଆମ ପ୍ରତିବଦ୍ଧତାର ପରିଚାୟକ । କେବଳ ସେତିକି ନୁହେଁ, ରାଜ୍ୟରେ ଶିଳ୍ପାୟନର ଏକ ନୂଆ ଯୁଗର ଆରମ୍ଭ କରି ବେସରକାରୀ କ୍ଷେତ୍ରରେ ନିଯୁକ୍ତିର ବିପ୍ଳବ ସୃଷ୍ଟି କରିବା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । (ପୃ-୭)

# ଟିମ୍ ଇଣ୍ଡିଆକୁ ଭବ୍ୟ ସ୍ୱାଗତ



**ଭୁବନେଶ୍ୱର,୭।୨(ମହାଭାରତ):** ବାରବାଟୀ କ୍ରିକେଟ ମ୍ୟାଚ ପାଇଁ ଉଭୟ ଭାରତ ଓ ଇଂଲଣ୍ଡ ଟିମ୍ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଂଚିଛନ୍ତି । ଉଭୟ ଦଳର ଖେଳାଳି ସ୍ୱତନ୍ତ୍ର ବିମାନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ପରେ ସେମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲ ମେ' ଫେୟାରରେ ପହଞ୍ଚିଛନ୍ତି । ହୋଟେଲରେ ପହଂଚିଲା ପରେ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଓଡ଼ିଶାର ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେତାଳେ ସ୍ୱାଗତ ଓ ଶୁଭେଚ୍ଛା ଦିଆଯାଇଥିଲା । ପ୍ରଶଂସକ ମାନଙ୍କ ମଧ୍ୟରେ ମ୍ୟାଚକୁ ନେଇ ପ୍ରବଳ ଉତ୍ସାହ ଦେଖା ଦେଇଛି ।ଖେଳାଳିମାନେ ଆଜି ରାତିରେ ବିଶ୍ରାମ ନେବା ପରେ ଆସନ୍ତାକାଲି କଟକ ଯାଇ ବାରବାଟୀରେ ଅଭ୍ୟାସ କରିବେ । ଇଂଲଣ୍ଡ ଖେଳାଳିମାନେ ଆସନ୍ତାକାଲି ଅଭ୍ୟାସ କରିବେ ନାହିଁ । ତେବେ ଭାରତୀୟ ଦଳ ୪ରୁ ୮ଟା ପର୍ଯ୍ୟନ୍ତ ଅଭ୍ୟାସ କରିବେ । ପୁଣି କଡ଼ା ସୁରକ୍ଷା ଭିତରେ ବାରବାଟୀରୁ ଦଳୀୟ ହୋଟେଲକୁ ଫେରିବେ । ରବିବାର କଟକ ଯାଇ ମ୍ୟାଚ୍ ଖେଳିବେ । ସେହିଦିନ ଭୁବନେଶ୍ୱରରେ ରହି ପରଦିନ ତୃତୀୟ ତଥା ଶେଷ ମ୍ୟାଚ୍ ଖେଳିବା ଲାଗି ଗୁଜରାଟର ଅହମଦାବାଦ ଯାତ୍ରା କରିବେ ।

ଅନ୍ୟ ପକ୍ଷରେ ବାରବାଟୀ ମୁକାବିଲା ପାଇଁ ପୂର୍ବରୁ କମିସନରେଟ୍ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କରାଯାଇଛି । ମକ୍ ଡ୍ରିଲ୍ ସହ କାର୍ କେଡରେ ଦୁଇ ଦଳର ବସକୁ ନିଆଯିବାର ରିହରସାଲ୍ କରାଯାଇଛି । ଭାରତୀୟ ଖେଳାଳିଙ୍କୁ ଦେଖିବା ପାଇଁ ଓଡ଼ିଶାର ଯୁବପିଢ଼ିଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି ।

ବାରବାଟୀରେ ଆୟୋଜିତ ହେବାକୁ ଥିବା ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ -ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଖେଳାଳିମାନେ ଆସିବାଠାରୁ ହୋଟେଲରେ ରହିବା ଓ ମ୍ୟାଚ୍ ପାଇଁ ସୁରକ୍ଷା ବ୍ୟବସ୍ଥା କରା ଯାଇଛି । ସେହିପରି ଟ୍ରାଫିକ ପାଇଁ ଆଡଭାଇଜରି ଜାରି କରାଯାଇଛି । ଖେଳାଳି ଓ ଦର୍ଶକଙ୍କୁ ଷ୍ଟାଡିୟମ ପହଂଚିବାରେ ଯେଭଳି ଅସୁବିଧା ନ ହୁଏ ଗୁରୁତ୍ୱ ଦିଆଯାଇଛି । ଷ୍ଟାଡିୟମ ଭିତରକୁ ପାଣି ବୋତଲ ନେଇପାରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି ।

## ରାୟଗଡ଼ା ରେଳ ଡିଭିଜନକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୭।୨(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି କେନ୍ଦ୍ର କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅନେକ ପ୍ରମୁଖ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ନୂଆ ଆୟକର ବିଲ୍ ପ୍ରସ୍ତାବକୁ ମୋଦୀ କ୍ୟାବିନେଟ୍ ଅନୁମୋଦନ କରିଛି । ଏଥିସହ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ନେଇ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ନୂଆ ରେଳ ଡିଭିଜନ ଗଠନ ପ୍ରସ୍ତାବକୁ ମଧ୍ୟ ମୋଦୀ କ୍ୟାବିନେଟ ଅନୁମୋଦନ କରିଛି । ଏହି ନିଷ୍ପତ୍ତି ଅନୁସାରେ ୱାଲଟିୟର ଡିଭିଜନର ନୂଆ ନାମ ବିଶାଖାପାଟଣା ଡିଭିଜନ ହେବ ଓ ଏହା ଦକ୍ଷିଣ ତଟ ରେଳପଥ ଅଧିନରେ ରହିବ । ସେହିପରି ଏକ ନୂଆ ରେଳ ଡିଭିଜନ - ରାୟଗଡ଼ା ଡିଭିଜନ ସ୍ଥାପନ କରାଯିବ ଓ ଏହାର ମୁଖ୍ୟାଳୟ ରାୟଗଡ଼ାଠାରେ ରହିବ । ଏହି ଡିଭିଜନ ଅଧିନରେ କୋଉଭାଲସା-ବାଲେେି, କୁନେରୁ-ଥେରୁବାଲି ଜେ.ଏନ୍., ସିଙ୍ଗାପୁର ରୋଡ୍ - କୋରାପୁଟ ଜନ୍ ଏବଂ ପାଲାଖେଣ୍ଡି-ଗୁଣୁପୁର ମଧ୍ୟରେ ଥିବା ସମସ୍ତ ଷ୍ଟେସନ ରହିବ ।

## ଆଜି ଦିଲ୍ଲୀ ଫଳାଫଳ

ନୂଆଦିଲ୍ଲୀ,୭।୨(ମହାଭାରତ): ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗଣତି ପ୍ରସ୍ତୁତି ଶେଷ ହୋଇଛି । ଆସନ୍ତାକାଲି ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ । ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣନା କରାଯିବ ଏହାପରେ ଇଭିଏମ୍ ଭୋଟ୍ ଗଣତି ଆରମ୍ଭ ହେବ । ସକାଳ ନଅଟା ପରେ ଭୋଟ ଗଣତି ପ୍ରାରମ୍ଭିକ ଟ୍ରେଣ୍ଡି ସାମନାକୁ ଆସିଛି । ଦିଲ୍ଲୀର ୧୧ଟି ଜିଲ୍ଲାର ୧୯ଟି ମତଗଣନା କେନ୍ଦ୍ରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।



ଅଧିକାଂଶ ଏକଜିଟ୍ ପୋଲ୍ ବିଜେପି ସରକାର ଗଢୁଥିବା ଦାବି କରୁଛନ୍ତି । ଅନ୍ୟପଟେ ବିଜେପି ଉପରେ ଅଭିଯୋଗର ଝଡ଼ି ଲଗାଇସାରିଛି ଆପ୍ । ତେବେ ଦିଲ୍ଲୀ ନିର୍ବାଚନରେ ଗୋଟିଏ କଥା ସତ ଯେ, ଆପ୍ ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହେଉଛି । ଦିଲ୍ଲୀର ପୂର୍ବ ଇତିହାସ କହୁଛି ନିର୍ବାଚନରେ କିଛି ବି ହୋଇପାରେ । ୨୦୧୩ରେ ନିର୍ବାଚନ ରାଜନୀତିରେ ଏଣ୍ଟ୍ରି କରିଥିଲା ଆପ୍ ୨୦୧୫ ଦିଲ୍ଲୀ ନିର୍ବାଚନ ଫଳାଫଳକୁ ନେଇ ଅଧିକାଂଶ ଏକଜିଟ୍ ପୋଲ୍ ସର୍ଭେ ଭୁଲ୍ ପ୍ରମାଣିତ ହୋଇଥିଲା । ୬୭ଟି ସିଟ୍ ଜିତି ଚମକାଇଥିଲା ଆପ୍ । ତେବେ ୨୦୨୦ରେ ଆପ୍ ପୁଣି କ୍ଷମତାକୁ ଫେରିବା ନେଇ ଏକଜିଟ୍ ପୋଲରେ ଆକଳନ କରାଯାଇଥିଲା । ଆଉ ଆକଳନ ସତ ବି ହୋଇଥିଲା । ହେଲେ ୨୦୨୫ରେ ଦିଲ୍ଲୀ ବିଧାନସଭାର ଅଧିକାଂଶ ସିଟ୍‌ରେ ବିଜେପି ଓ ଆପ୍ ମଧ୍ୟରେ ସିଧାସଳଖ ଟକ୍କର ହେଉଛି ତେଣୁ ଏକଜିଟ୍ ପୋଲ (ପୃ-୭)

## ୧୮ ଲକ୍ଷ ମହିଳାଙ୍କୁ ଆଜି 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର,୭।୨(ମହାଭାରତ): ଆସନ୍ତାକାଲି 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ । ଏଥିରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଯାଜପୁର ଜିଲ୍ଲା ବ୍ୟାସନଗରର ଚାନ୍ଦମା ପଡ଼ିଆ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଟଙ୍କା ପ୍ରଦାନ କରିବେ । ସେ କହିଛନ୍ତି ଯେ ଆସନ୍ତାକାଲି ୧୮ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବା ପରେ ମୋଟ୍ ଲାଭାର୍ଥୀଙ୍କ ସଂଖ୍ୟା ୯୮ ଲକ୍ଷରେ ପହଂଚିବ । ନିବେଦନ କରିବା ପରେ ୬୮ ହଜାର ଲାଭାର୍ଥୀ ଏନପିସିଆଇ କରିସାରିଛନ୍ତି । ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ, ଯେଉଁମାନଙ୍କୁ ଏହି ଟଙ୍କା ମିଳିନି, ୩ ଓ ୪ ତାରିଖରେ ବ୍ୟାଙ୍କୁ ଯାଇ ଇକେୱାଇସି କ୍ଲିଅର କରିଥିଲେ ଏହି ଟଙ୍କା ମିଳିବ । ଯଦି ହିତାଧିକାରୀଙ୍କୁ ବ୍ୟାଙ୍କ ଏନପିସିଆଇ କ୍ଲିଅର ହୋଇଯାଇଥିବ ସେମାନଙ୍କୁ ଏହି ପର୍ଯ୍ୟାୟରେ ଟଙ୍କା ମିଳିଯିବ ।

# ୭ ଅନୁପ୍ରବେଶକାରୀଙ୍କ ମୃତ୍ୟୁ

ଶ୍ରୀନଗର,୭।୨; ପାକିସ୍ତାନ ଟାର୍ଗେଟରେ ଥିଲା ସୀମା ନିକଟରେ ଥିବା ଭାରତୀୟ ସେନାର ପୋଷ୍ଟ । ଭାରତୀୟ ସେନା ପୋଷ୍ଟକୁ ଘେରି ଯାଇ ଆକ୍ରମଣ କରିବାକୁ ଚାହୁଁଥିଲା ପାକିସ୍ତାନ । ଏଥିପାଇଁ ୭ ଜଣ ଅନୁପ୍ରବେଶକାରୀ ଏଲଓସି ଡେଇଁ ଭାରତୀୟ ସୀମାରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଭାରତୀୟ ସେନାର ରଣକୌଶଳ ଯୋଗୁ ପାକିସ୍ତାନ ଯୋଜନା କରିଥିବା ସବୁଠାରୁ ବଡ଼ ଆକ୍ରମଣ ପଣ୍ଡ ହୋଇଯାଇଛି ।

ଭାରତୀୟ ସେନାର ଗୁଳିରେ ଟଳିଛନ୍ତି ୭ ଅନୁପ୍ରବେଶକାରୀ । ଏମାନଙ୍କ ମଧ୍ୟରୁ ୨ରୁ ୩ ଜଣ ପାକିସ୍ତାନ ସେନାର ଯବାନ ବି ରହିଛନ୍ତି । କିନ୍ତୁ ସେମାନଙ୍କର ସବୁ ଯୋଜନାକୁ ଭାରତୀୟ ସେନା ପଣ୍ଡ କରିବାକୁ ସକ୍ଷମ ହୋଇଛି । ଫେବୃଆରୀ ୪ ତାରିଖ ବିଳମ୍ବିତ ରାତି ଓ ୫ ତାରିଖ ଭୋର ସମୟରେ ଏପରି ଘଟଣା ଘଟଣା ଘଟିଥିଲା । ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲ୍ଲା ଅନ୍ତର୍ଗତ କ୍ରିଷ୍ଣା ଘାଟି ସେକ୍ଟର ସ୍ଥିତ ଏଲଓସି ନିକଟରେ ଏପରି ଘଟଣା ଘଟିଥିଲା । ପାକିସ୍ତାନ



'କଶ୍ମୀରୀ ଏକତା ଦିବସ' ପାଳନ କରି ଭାରତ ବିରୋଧୀ ଏଜେଣ୍ଡାର ପ୍ରଚାର କରୁଥିବା ବେଳେ ଏଲଓସିରେ ଆକ୍ରମଣ ପାଇଁ ଅନୁପ୍ରବେଶ ହୋଇଥିଲା ।

ସୂତ୍ର ଅନୁସାରେ, ସୀମା ପାର ଅପରେସନରେ ସିଦ୍ଧହସ୍ତ ଥିବା ପାକିସ୍ତାନର ବର୍ଡର ଆକ୍ସନ ଟିମ(ବାଟ) ପକ୍ଷରୁ ଭାରତୀୟ ସେନାର ଗୋଟିଏ ଫରୱାର୍ଡ ପୋଷ୍ଟ ଉପରେ ଚଢ଼ିଯାଇ ଗୋଟିଏ ସମୟରେ ଆକ୍ରମଣ ପାଇଁ ଯୋଜନା ହୋଇଥିଲା । କିନ୍ତୁ ସେମାନେ ଆକ୍ରମଣ କରିବା ପୂର୍ବରୁ ଭାରତୀୟ ସେନା ସେମାନଙ୍କୁ ଘେରି ଯାଇଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା । ଏଥିରେ ୭ ଜଣ ଅନୁପ୍ରବେଶକାରୀ ନିହତ ହୋଇଛନ୍ତି । ନିହତ ୭ ଜଣଙ୍କ ମଧ୍ୟରୁ ୨ରୁ ୩ ଜଣ ପାକିସ୍ତାନ ସେନାର ନିୟମିତ ସଦସ୍ୟ ବାକି ଆତଙ୍କବାଦୀମାନେ ଅଲ ବଦ୍ର ଗ୍ରୁପର ସଦସ୍ୟ ବୋଲି ଜଣାପଡ଼ିଛି ।

ପାକିସ୍ତାନ କଶ୍ମୀର ଏକତା ଦିବସ ପାଳନ କରୁଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଥିଲେ ଯେ କଶ୍ମୀର ସମେତ ସମସ୍ତ ବିବାଦର ସମାଧାନ ଭାରତ ସହ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଚାହୁଁଛନ୍ତି । କିନ୍ତୁ ଏହି ବୟାନର କିଛି ଘଣ୍ଟା ପରେ ପାକିସ୍ତାନ ଅଧିକୃତ କଶ୍ମୀରରେ ଗୋଟିଏ ସଭାର ଆୟୋଜନ କରାଯାଇଥିଲା ।ଏଥିରେ ଶରିଫ ଯୋଗ ଦେଇଥିଲେ ।ଉକ୍ତ ସଭାରେ ଭାରତ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ସଭେରେ ଜୈଶ ଓ ଲସ୍କର ଭଳି ଆତଙ୍କୀ ସଂଗଠନର ସଦସ୍ୟମାନେ ଯୋଗ ଦେଇଥିଲେ । ଏଥିରୁ ପାକିସ୍ତାନର ଦୋମୁହାଁ ନୀତିର ପର୍ଦ୍ଦାଫାସ ହୋଇଥିଲା । ଭାରତ ବାରମ୍ବାର କହି ଆସିଛି ଯେ ଜମ୍ମୁ-କଶ୍ମୀର ଓ ଲଦାଖ ଦେଶର ଅବିଚ୍ଛେଦ୍ୟ ଅଙ୍ଗ୍ୟ ଆତଙ୍କବାଦ ଓ ହିଂସାକୁ ବାଦ ଦେବା ପରେ ହିଁ ପାକିସ୍ତାନ ସହ ସମ୍ପର୍କରେ ସୁଧାର ଆସିବ ବୋଲି ଭାରତ ସରକାର ପୂର୍ବରୁ କହି ସାରିଛନ୍ତି ।

DADLS-96



ଓଡ଼ିଶା ସରକାର

**ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ**
**ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୮ ଫେବୃଆରୀ, ୨୦୨୫

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

**ମୁଖ୍ୟ ଅତିଥି**
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ,
ବିଜ୍ଞାନ ଓ କାରିଗରୀ, ଓଡ଼ିଶା

**ବିଶିଷ୍ଟ ଅତିଥି**
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

**ମୁଖ୍ୟ ବକ୍ତା**
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି, ସାଂସଦ, ଢେଙ୍କାନାଳ

**ସମ୍ମାନନୀୟ ଅତିଥି**
ଶ୍ରୀଯୁକ୍ତ ଅଶୋକ ମହାନ୍ତି
ବିଧାୟକ, ପାଲଲହଡ଼ା
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ
ବିଧାୟକ, ପର୍ଜଙ୍ଗ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ
ବିଧାୟକ, ଅନୁଗୋଳ
ଶ୍ରୀଯୁକ୍ତ ଅଗସ୍ତି ବେହେରା
ବିଧାୟକ, ଛେଣ୍ଡିପଦା
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା
ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ
ବିଧାୟିକା, ହିନ୍ଦୋଳ

**ସମ୍ମାନନୀୟ ବକ୍ତା**
ଡ. ଧରଣୀଧର ନାଥ
ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0421/2425







# ‘ମଲାଇ ମଶରୁମ୍’

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। ‘ମଲାଇ ମଶରୁମ୍’। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



ଖବର

# ମୌଳିକତା ଓ ଦକ୍ଷତା ପରୀକ୍ଷାରେ ଫେଲ୍ ଲଭୟାପା



ଅଭିନେତା ଆମିର ଖାଁଙ୍କ ପୁଅ ଜୁନୈଦ ଖାଁ ଓ ଦିବଂଗତା ଅଭିନେତ୍ରୀ ଶ୍ରୀଦେବୀଙ୍କ ଝିଅ ଖୁସି କପୁର ପୂର୍ବରୁ ଗୋଟିଏ ଲେଖାଏଁ ଓଟିଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଥିବା ବେଳେ ‘ଲଭୟାପା’ ହେଉଛି ଉଭୟଙ୍କର ପ୍ରଥମ ବଡ଼ ପରଦା ସିନେମା। ଦୁଇ ନବାଗତଙ୍କ ଜରିଆରେ ଆଧୁନିକ ପିଢ଼ିର ଏକ ଅଭିନବ ପ୍ରେମ କାହାଣୀ ଉପଭୋଗ କରିବାର କୌତୂହଳ ନେଇ ଯାଇଥିବା ଦର୍ଶକ ଏକାଧିକ କାରଣରୁ ନିରାଶ ହେବେ। କାରଣ ଗତ ସପ୍ତାହରେ ମୁକ୍ତିଲାଭ କରିଥିବା ଶାହିଦ କପୁରଙ୍କ ‘ଦେବା’ ପରି ‘ଲଭୟାପା’ ମଧ୍ୟ ଗୋଟିଏ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ରିମେକ୍। ସତ କହିଲେ ଏହା ଗୋଟିଏ ରିମେକ୍ର ରିମେକ୍। ୨୦୨୦ରେ ୟୁଟ୍ୟୁବ୍ରେ ମୁକ୍ତିଲାଭ କରିଥିବା ପ୍ରଦୀପ ରଙ୍ଗନାଥନଙ୍କ ତାମିଲ କ୍ଷୁଦ୍ର ଚଳଚ୍ଚିତ୍ର ‘ଆପ୍ପା ଲକ୍’ ୨୦୨୨ରେ ଏକ ଫିଚର୍ ଚଳଚ୍ଚିତ୍ର (‘ଲଭ୍ ଟୁଡେ’) ଭାବେ ନିର୍ମିତ ହୋଇ ରାତାରାତି ଚହଳ ସୃଷ୍ଟି କରିଥିଲା। ତିନି ବର୍ଷ ପରେ ସେହି କାହାଣୀକୁ ପୁଞ୍ଜି କରି ଦୁଇଜଣ ତାରକା ସନ୍ତାନଙ୍କୁ ବଡ଼ ପରଦାରେ ପଦାର୍ପଣ କରାଇବାର ଉଦ୍ୟମ ଦର୍ଶାଉଛି ଯେ ବଲିଉଡ୍ ଶିଳ୍ପରୁ ଲୋକମାନେ ମୁହଁ ମୋଡ଼ିନେବା ଲାଗି ଏଭଳି ସିନେମା ହିଁ ଖୋରାକ ଯୋଗାଉଛନ୍ତି। ‘ଲଭୟାପା’ର କାହାଣୀ ଆରମ୍ଭ ହୁଏ ଏକ ଯୁବ ପ୍ରେମୀଯୁଗଳଙ୍କ ନିଷ୍ପତ୍ତିରୁ ଯେ ସେମାନେ ପରସ୍ପରଙ୍କୁ ଭଲଭାବେ ଜାଣିସାରିଥିବାରୁ ଉଭୟ ବିବାହ କରିବାକୁ ପ୍ରସ୍ତୁତ। ଗୌରବ (ଜୁନୈଦ ଖାନ) ଓ ବାନୀ (ଖୁସି କପୁର)ଙ୍କ ପ୍ରେମ ସମ୍ପର୍କ ବିଷୟରେ ବାନୀଙ୍କ ପିତା ଅତୁଲ (ଆଶୁତୋଷ ରାଣା) ଜାଣିବା ପରେ ସେ ବିବାହ ପାଇଁ ଅନୁମତି ଦେବା ପୂର୍ବରୁ ସେମାନଙ୍କୁ ଏକ ଚ୍ୟାଲେଞ୍ଜ ପୂରା କରିବାକୁ କହୁଛନ୍ତି। ତାହା ଅନୁସାରେ ଉଭୟ ମୋବାଇଲ୍ ଫୋନ୍ ଅଦଳବଦଳ କରି ୨୪ ଘ☐। କାଟିବେ। ଏହା ପରେ ଆରମ୍ଭ ହେଉଛି ତାଙ୍କ ସମ୍ପର୍କରେ ଭରସା, ପ୍ରତାରଣା, ବୁଝାମଣା ଓ କ୍ଷମା ଭଳି ବିଭିନ୍ନ ମଜାଳିଆ ଘଟଣାକ୍ରମର ଉନ୍ମୋଚନ। ଆଧୁନିକ ପ୍ରେମ ସମ୍ପର୍କର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସ୍ମାର୍ଟଫୋନ୍ର ନିର୍ଣ୍ଣାୟକ ଭୂମିକା ରହୁଥିବାରୁ ଏଭଳି ଏକ ଚ୍ୟାଲେଞ୍ଜ ଅଗ୍ନିପରୀକ୍ଷାରୁ କମ୍ ନୁହେଁ। ପ୍ରଥମାର୍ଦ୍ଧରେ ବାନୀଙ୍କ ଫୋନ୍ରୁ ଗୌରବ ଜାଣିବାକୁ ପାଆନ୍ତି ଯେ ସେ ମିଛ କହି ପୂର୍ବ ପ୍ରେମିକମାନଙ୍କ ସହିତ କଥାବାର୍ତ୍ତାରୁ ଆରମ୍ଭ କରି ମିଳାମିଶା କରୁଛନ୍ତି। ତେବେ ଦ୍ୱିତୀୟାର୍ଦ୍ଧରେ ବାନୀ ମଧ୍ୟ ଗୌରବଙ୍କ ଚରିତ୍ରର ଅନ୍ଧାରୁଆ ଦିଗ ସମ୍ପର୍କରେ ଅବଗତ ହୁଅନ୍ତି। ଏହି ଦୁଇ ଚରିତ୍ରଙ୍କ ପ୍ରେମର ପରୀକ୍ଷା ସମାନ୍ତରାଳରେ ଗୌରବଙ୍କ ଭଉଣୀ କିରଣ (ତାନ୍ୱିକା ପାରଲିକର) ଓ ଅନୁପମ (କିକୁ ସର୍ଦାର)ଙ୍କ ଯୋଗାଡ଼ ବିବାହ ମଧ୍ୟ ଏକ ବିଶ୍ୱାସ ସଂକଟ ଦେଇ ଗତି କରୁଛି। କାହାଣୀଟି ସରଳ ଭାବେ ଆରମ୍ଭ ହୋଇଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ଏହା ରୂପଜନିତ ଅସୁରକ୍ଷାବୋଧ, ଅନ୍ଲାଇନ୍ ଟ୍ରୋଲିଂ, ଡିପ୍ଫେକ୍ ପର୍ନ, ଠକେଇ ଆଦି ସମ୍ପର୍କରେ ଶିକ୍ଷଣୀୟ ବାର୍ତ୍ତା ଦେବାକୁ ଯାଇ ଅଧିକ ଜଟିଳ ହୋଇଯାଇଛି। ଏହି ଚଳଚ୍ଚିତ୍ରର ସବୁଠାରୁ ପ୍ରଶଂସନୀୟ ଦିଗ ହେଉଛି ପରଦାରେ ଚାଟିଂର ଦୃଶ୍ୟ ଦେଖାଇବା ଲାଗି ଉପଯୋଗ ହୋଇଥିବା ସୃଜନଶୀଳ କୌଶଳ। ସେଭଳି ଗୋଟିଏ ଦୃଶ୍ୟରେ ଗୌରବ ବାନୀଙ୍କ ଫୋନରେ ସେ ଜଣେ ପୁରୁଷ ବନ୍ଧୁ ସହ କରିଥିବା ଚାଟିଂ ପଢୁଛନ୍ତି। ତାକୁ ମଜାଳିଆ ଭାବେ ଦୃଶ୍ୟାୟିତ କରିବା ଲାଗି ଦୁଇଜଣ ପରଦାର ଦୁଇ ପାର୍ଶ୍ୱରେ ବସି ଚାଟିଂର ଲେଖାଗୁଡ଼ିକୁ ସଂଳାପ ପରି ପଢୁଛନ୍ତି। ହାତଗଣତି ଦୃଶ୍ୟକୁ ଛାଡ଼ିଦେଲେ ମୁଖ୍ୟ ଚରିତ୍ରରେ ଜୁନୈଦ ଖାଁଙ୍କ ଅଭିନୟ କୃତ୍ରିମ ମନେ ହୋଇଥାଏ। ସେହିପରି ଖୁସି କପୁରଙ୍କ ଅଭିନୟ ଅତି ବେଶିରେ ଚଳନୀୟ ବୋଲି କୁହାଯାଇପାରେ।

# ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

☐ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ଦେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

☐ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା’ର ପୂର୍ବ ଜନ୍ମର ଫଳ ମଧ୍ୟ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

☐ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ୍ୟ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

# ଅବିନାଶୀ ଆତ୍ମା



ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ।” ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା’ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ’ଣ ଅବିନାଶୀ? ଯଦି ଶରୀର ଅବିନାଶୀ, ତା’ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ? ଅର୍ଜୁନ କ’ଣ ଅନ୍ୟକୌଣସି ଶରୀରଧାରୀ ଥିଲେ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ’ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ? ତା’ହେଲେ ଶ୍ରୀକୃଷ୍ଣଙ୍କର କ’ଣ ଜ୍ଞାନ ନଥିଲା? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ’ଣ ଥିଲେ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା’ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ’ ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ୍ୟ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।

# ନଟରାଜ



ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତି ବିଷୟକ ଧାରଣା “ଆନନ୍ଦମ୍ ତାଣ୍ଡବମ୍” ସହିତ ଜଡ଼ିତ । ‘ନଟରାଜ’ ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି ‘ଓଁ’କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ ‘ଓଁ’ ନିହିତ ରହିଛି ।

# ପିଲାଙ୍କ ଷ୍ଟଡି ରୁମରେ ଥିବା ଜିନିଷ ପ୍ରତି ରଖନ୍ତୁ ଧ୍ୟାନ



ବାସ୍ତୁ ଶାସ୍ତ୍ର ଅନୁସାରେ ପାଠପଢ଼ାରେ ମନ ଲଗାଇବା ଏବଂ କ୍ୟାରିୟର ବନାଇବା ପାଇଁ ଧ୍ୟାନ କେନ୍ଦ୍ରିତ କରିବା ସବୁଠୁ ଅଧିକ ଜରୁରୀ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଠପଢ଼ା ରୁମ୍ ଅର୍ଥାତ୍ ଷ୍ଟଡି ରୁମ୍ ଠିକ ଭାବେ ବ୍ୟବସ୍ଥିତ କରିବା ଉଚିତ୍। ଘରେ ବାସ୍ତୁ ଦୋଷ ହେବା ଦ୍ୱାରା ନକରାତ୍ମକତା ବଢ଼ିଥାଏ ଏବଂ ମନର ଏକାଗ୍ରତା ବଜାୟ ରହିପାରେ ନାହିଁ। ଯାହା ଦ୍ୱାରା ମାନସିକ ଚିନ୍ତା ବଢ଼ିଥାଏ ଏବଂ ପାଠପଢ଼ାରେ ଆଗ୍ରହ ବଢ଼ିଥାଏ। ବାସ୍ତୁ ଅନୁସାରେ ଷ୍ଟଡି ରୁମରେ କିଛି କଥା ପ୍ରତି ଧ୍ୟାନ ରଖି ପାଠପଢ଼ାରେ ମନ ଲଗାଯାଇପାରିବ।

ବାସ୍ତୁ ଅନୁସାରେ ପିଲାଙ୍କ ଷ୍ଟଡି ରୁମ୍ ଉତ୍ତର, ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ହେବା ଉଚିତ୍।

ଷ୍ଟଡି ରୁମରେ ବହି ଆଲମାରି ପୂର୍ବ କିମ୍ବା ଉତ୍ତର ଦିଗରେ ହେବା ଉଚିତ୍। ଯଦି ଜାଗା ଅଭାବରେ ବେଡରୁମରେ ପାଠ ପଢ଼ିବାର ଅଛି ତେବେ ପଢ଼ିବା ସମୟରେ ପୂର୍ବ କିମ୍ବା ଉତ୍ତର ଦିଗରେ ମୁହଁ କରିବା ଉଚିତ୍।

ବାସ୍ତୁ ଅନୁସାରେ ପାଠପଢ଼ା ସମୟରେ ଦକ୍ଷିଣ ଆଡ଼କୁ ମୁହଁ କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ଅଗ୍ନି ତତ୍ତ୍ୱର ପ୍ରାଧାନ୍ୟ ହେବା ଦ୍ୱାରା ପିଲା ଅନୁଶାସନହୀନ ହୋଇପାରନ୍ତି।

ଷ୍ଟଡି ଟେବୁଲରେ ଗ୍ଲୋବ୍ କିମ୍ବା ତମ୍ବାର ପିରାମିଡ ରଖିବା ଦ୍ୱାରା ଲାଭ ହୋଇଥାଏ। ଏହା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ ଏବଂ ପାଠପଢ଼ା ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ।

ଷ୍ଟଡି ରୁମରେ ଟିଭି, ଭିଡିଓ ଗେମ୍ ଏବଂ ସିଡି ପ୍ଲେୟର ଭଳି ବସ୍ତୁ ନ ରଖିବା ଉଚିତ୍। ଏହି ଜିନିଷଗୁଡ଼ିକ ଦ୍ବାରା ପାଠପଢ଼ା ପ୍ରତି ଆଗ୍ରହ କମିଥାଏ।

ଷ୍ଟଡି ରୁମରେ ପାନୀୟ ଜଳ, ଘଣ୍ଟା ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ୍।

ଷ୍ଟଡି ରୁମରେ ଗଣେଶ ଏବଂ ମାତା ସରସ୍ବତୀଙ୍କ ଫଟୋ ମଧ୍ୟ ଲଗାଇବା ଉଚିତ୍।

ଯେଉଁ ପିଲାଙ୍କ ପାଠପଢ଼ାରେ ମନ ଲାଗିନଥାଏ ସେମାନଙ୍କ ରୁମରେ ମୟୁର ପଙ୍ଖ ରଖନ୍ତୁ।

# ଯୁବଶକ୍ତି ସଶକ୍ତ ହେଲେ ବିକଶିତ ଓଡ଼ିଶା ପରିକଳ୍ପନା ସାକାର ହେବ : ରାଜ୍ୟପାଳ

**ଭୁବନେଶ୍ୱର, ୭/୨ (ମହାଭାରତ)** : ଆଜି ପୂର୍ବାହ୍ନ ରେ ପାରାଦ୍ୱୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରେ ଓଡ଼ିଶାର ରାଜ୍ୟପାଳ, ଡଃ ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ମାନ୍ୟବର ରାଜ୍ୟପାଳ ଉଦବୋଧନ ଦେଇ କହିଲେ ଯେ, ଶିକ୍ଷା ହେଉଛି ସେହି ମୂଳଦୁଆ। ଯାହା ଉପରେ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ରର ନିର୍ମାଣ ହୋଇଥାଏ। କୌଣସି ରାଷ୍ଟ୍ରର ସଫଳତା ତା'ର ଯୁବଶକ୍ତିର ସଶକ୍ତିକରଣ ଉପରେ ନିର୍ଭର କରେ। ସେଥିପାଇଁ ଯୁବସମାଜ ସଠିକ୍ ଶିକ୍ଷା କୌଶଳ ଏବଂ ବୈଷୟିକ ଜ୍ଞାନ ସହିତ ସଜ୍ଜିତ ହେଲେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ପରିକଳ୍ପନା ସାକାର ହେବ। ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ କେବଳ ପାଞ୍ଚ ଦଶନ୍ଧିର ରୋମାଞ୍ଚକର ଯାତ୍ରା ନୁହେଁ ବରଂ ହଜାର ହଜାର ଯୁବ ପ୍ରତିଭା ର ପରିବର୍ତ୍ତନ ମଧ୍ୟ, ଯେଉଁମାନେ ନିଜର ଉଚ୍ଚ ଅଭିଳାଷ ସହିତ ଏହି ଫାଟକ ଦେଇ ଚାଲିଛନ୍ତି ଏବଂ ଜଣେ ଜଣେ ଦାୟିତ୍ୱବାନ ନାଗରିକ, ବିଦ୍ୱାନ ଏବଂ ପ୍ରଫେସନାଲ ଭାବରେ ନିଜକୁ ପ୍ରତିପାଦିତ କରିଛନ୍ତି। ଭାରତର ବିପୁଳ ଯୁବଶକ୍ତି ନବସୃଜନ, ଗବେଷଣା ଏବଂ



ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ବିଶ୍ୱ କୁ ନେତୃତ୍ୱ ନେବାର ସାମର୍ଥ୍ୟ ରଖିଛି। ଏହି ପରିପ୍ରେକ୍ଷିରେ ପାରାଦ୍ୱୀପ ମହାବିଦ୍ୟାଳୟ କେବଳ ଏକାଡେମିକ୍ ଉତ୍କର୍ଷତା କ୍ଷେତ୍ରରେ ନୁହେଁ ବରଂ ଶିଳ୍ପ ସମ୍ବନ୍ଧୀୟ ଦକ୍ଷତା ଏବଂ ସାମାଜିକ ଦାୟିତ୍ୱର ଦୃଢ ଭାବନା ସହିତ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ପ୍ରସ୍ତୁତ କରି ଏହି ମିଶନରେ ସକ୍ରିୟ ଭାବରେ ଯୋଗଦାନ କରିଆସୁଛି ବୋଲି ରାଜ୍ୟପାଳ କହିଥିଲେ।ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ ରେ ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଅପରିହାର୍ଯ୍ୟ ହୋଇପଡ଼ିଛି। ଡିଜିଟାଲ ବିପ୍ଳବ ଶିକ୍ଷଣ ପଦ୍ଧତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି, ଯାହା ଶିକ୍ଷାକୁ ଅଧିକ ସୁଲଭ, ଭାବ ବିନିମୟ ସ୍ୱରୂପ ଏବଂ ସମାବେଶୀ କରିଛି। ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷତା ବିକାଶ ଦ୍ୱାରା ପରିଚାଳିତ ଯୁଗରେ ଆଗକୁ ବଢ଼ିବା ପାଇଁ ଅଭିନବ ଶିକ୍ଷଣ କୌଶଳ ଗ୍ରହଣ କରିବା ପାଇଁ ରାଜ୍ୟପାଳ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ସମାଜକୁ ଆହ୍ୱାନ ଜଣାଇଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ଆମର ଶିକ୍ଷା ବ୍ୟବସ୍ଥାରେ ପରମ୍ପରା ଓ ଆଧୁନିକତା ର ସମନ୍ୱୟ ରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ଏକ ବହୁମୁଖୀ ଆଭିମୁଖ୍ୟ, ଧନ୍ଦାମୂଳକ ତାଲିମ, ଗବେଷଣା ଏବଂ ନବସୃଜନ ଶିକ୍ଷାବ୍ୟବସ୍ଥା କୁ ଆପଣେଇଲେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉତ୍କର୍ଷ ହାସଲ କରିବାର ବ୍ୟାପକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ଡ଼ଃ କମ୍ଭମପାଟି କହିଥିଲେ ଯେ, ପାରାଦ୍ୱୀପ ମହାବିଦ୍ୟାଳୟ ନୂତନ ପର୍ଯ୍ୟାୟ ରେ ପହଞ୍ଚିଛି। ଛାତ୍ରଛାତ୍ରୀ ମାନେ ବଡ଼ ସ୍ୱପ୍ନ ଦେଖିବା ସହ ସ୍ୱପ୍ନ କୁ ସାକାର କରିବାପାଇଁ କଠୋର ଅଧ୍ୟବସାୟ ଜାରି ରଖି ଦେଶ ନିର୍ମାଣ ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ସେ ଆହ୍ୱାନ ଜଣାଇଥିଲେ।ଏହି ସମାରୋହ ରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା , କ୍ରୀଡା ଓ ଯୁବସେବା , ଓଡିଆ । ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ , ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ର ଅଧକ୍ଷ ପି ଏଲ ହରନାଧ, ବିଧାୟକ, ବାସୁଦେବପୁର, ଅଶୋକ କୁମାର ଦାସ ଉପସ୍ଥିତ ରହି ଯୁବ ପ୍ରତିଭା ଙ୍କ ବିକାଶ ରେ ଜିଲ୍ଲା ତଥା ରାଜ୍ୟ ର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ବୋଲି କହିବା ସହ ଯୁବସମାଜ ପାଇଁ ଶିକ୍ଷା ର ଗୁରୁତ୍ୱ ପ୍ରତିପାଦିତ କରିଥିଲେ।ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ, ଶ୍ରୀ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ପାରାଦ୍ୱୀପ ମହାବିଦ୍ୟାଳୟ ର ଅଧକ୍ଷା ଶ୍ରୀମତୀ ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପାରାଦ୍ୱୀପ ପୌର ପରିଷଦର ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିରେ ମିଶିଲେ ଉଦଳା ବ୍ଲକ ଅଧକ୍ଷା

**ଭୁବନେଶ୍ୱର,୦୭।୦୨ (ମହାଭାରତ)** : ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧ ପରିକର। ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି ଉପରୁ ଆସ୍ଥା ହରାଇ ଆଜି ଉଦଳା ବ୍ଲକ ଅଧକ୍ଷା ମୁଲତା ବିଶ୍ୱାଳ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀମତୀ ବିଶ୍ୱାଳଙ୍କ ସମେତ ପଂଚାୟତ ସମିତି ସଦସ୍ୟା ମାଳତି ଟୁଡୁ, ପୂର୍ବତନ ଜିଲ୍ଲା ପରିଷଦ ଉଦଳା ଲକ୍ଷ୍ମୀଧର ମୁର୍ମୁ, ଶତ୍ରୁଘ୍ନ ବିଶ୍ୱାଳ, ଡମ୍ବୁରୁଧର ବିଶ୍ୱାଳ, ରୋହିଦାଶ ଟୁଡୁ, ଯୋଗେନ୍ଦ୍ର ଖଡିକା, ଶ୍ରୀଧର ଖଉଡେଇ, ଗୋପିନାଥ ପ୍ରଧାନ, ଶ୍ରୀକାନ୍ତ ନାଏକ, ରାମ ଚରନ ପାନିଆଲ୍, ହରିଶ୍ ଚନ୍ଦ୍ର ନାଏକ, ସୁଶାନ୍ତ କୁମାର ବରଶାଲିଆ, ପ୍ରଶନ୍ନ ପାନିଆଲିଆ, ଗୋବିନ୍ଦ ରଣସିଆ, ହରେକୃଷ୍ଣ ବିଶ୍ୱାଳ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ଉଦଳା ବିଧାୟକ ଭାସ୍କର ମଢେଇ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଦିବ୍ୟାଙ୍ଗଙ୍କ ପାଇଁ ସୁଗମ୍ୟ ଯାତ୍ରାର ଶୁଭାରମ୍ଭ

**ଭୁବନେଶ୍ୱର, ୭।୨ (ମହାଭାରତ):** ସମଗ୍ର ଭାରତ ବର୍ଷର ବିଭିନ୍ନ ରାଜ୍ୟଗୁଡିକରେ ଏକ ସୁଗମ୍ୟ ଯାତ୍ରା ର ଶୁଭାରମ୍ଭ କାର୍ଯ୍ୟ ଜାରି ରହିଛି। ସେହି କ୍ରମରେ ଓଡ଼ିଶାରେ ଆଜି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ତୋଷାଳୀ ଭବନ ପରିସରରେ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ପଛୁଆ। ବର୍ଗକଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦ୍ୱାରା ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ରାଜ୍ୟ ଭିନ୍ନକ୍ଷମ ଅୟୟୁକ୍ତ ତଥା ଏସ୍‌ଭି ନିର୍ଭାରର ମିଳିତ ସହଯୋଗରେ ରାଜ୍ୟର ସଦର ମହକୁମାଠାରେ ଆରମ୍ଭ କରାଯାଇଛି।

ରାଜ୍ୟର ୩୦ ଟି ଜିଲ୍ଲାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ସିନେମା ଘର, ଡାକ୍ତରଖାନା, ବଡ ବ୍ୟବସାୟ ଗୃହ, ପାର୍କ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁଗମ୍ୟ ଯାତ୍ରା କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ଯାତ୍ରାର ଉଦ୍ଦେଶ୍ୟ ହେଉଛି, ଏହିପରି କୋଠା ଗୁଡିକରେ ପିଡବ୍ଲ୍ୟୁଡିର ଉପଲବ୍ଧତା ବୈଶିଷ୍ଟ୍ୟ ଉପରେ ଆରପିଡବ୍ଲ୍ୟୁଡି ଅଧିନିୟମ, ୨୦୧୬ ରେ ଦିଆଯାଇଥିବା ବ୍ୟବସ୍ଥା ବିଷୟରେ ଜନସଚେତନତା ସୃଷ୍ଟି କରିବା ଏବଂ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଅସୁବିଧାର ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଇବା। ପ୍ରତ୍ୟେକ ଜିଲ୍ଲାରେ ଦୁଇ ଦିନ ପାଇଁ ଯାତ୍ରା ଯୋଜନା କରାଯାଇଛି। ଏଥିପାଇଁ ୨ ରୁ ୩ ଟି ଟିମ୍ ଗଠନ କରାଯାଇଛି । ସମଗ୍ର ରାଜ୍ୟରେ ପ୍ରାୟ ୭୦ ଟି ଟିମ୍ ଗଠନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରତତି ହରିଚନ୍ଦନ, ଏସସିପିଡି, ଓଡିଶା, ଡ ମହାନ୍ତି, ନିର୍ଦ୍ଦେଶକ, ଆର ଜାନି, ଅତିରିକ୍ତ ଶାସନ ସଚିବ ଏବଂ ସନ୍ୟାସୀ ବେହେରା, ଉପ ଶାସନ ସଚିବ, ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କିଛି ସରକାରୀ ଏସ୍‌ଭି ନିର୍ଭାର କର୍ମଚାରୀ ତଥା ଏସସିପିଡି କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀପ୍ରମୁଖ ଯୋଗ ଦେଇଥିଲେ।

# ଚଳିତ ମାସରୁ ଆୟୁଷ୍ମାନ ଯୋଜନା ଲାଗୁ ହେବ

**ଭୁବନେଶ୍ୱର, ୭।୨ (ମହାଭାରତ) :** ଆୟୁଷ୍ମାନ ଯୋଜନାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ଦେଇଛନ୍ତି। ଏହି ଯୋଜନାରେ ସାଢ଼େ ୩ କୋଟି ଲୋକଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବର୍ତ୍ତମାନ ଆୟୁଷ୍ମାନ କାର୍ଡ ଛପା ଚାଲିଛି ବୋଲି କହିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ। ଆୟୁଷ୍ମାନ ଭାରତ ସହ ଆଇଟି ଇଣ୍ଟିଗ୍ରେସନ ପ୍ରକ୍ରିୟା ମଧ୍ୟ ଚାଲିଛି। ଗତ ମାସରେ ଆୟୁଷ୍ମାନ ଭାରତ ଯୋଜନାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଚଳିତ ମାସ ଫେବୃଆରୀରୁ ଏହାକୁ ଲାଗୁ କରିବା ସହ ଏପ୍ରିଲରୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରାଇବେ। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, 'ରାଜ୍ୟର ୧.୩ କୋଟି ପରିବାରର ସାଢ଼େ ୩ କୋଟି ଲୋକ ଏହି ଯୋଜନାରେ ଉପକୃତ ହେବେ।

# ପ୍ରଦୂଷଣ ମୁକ୍ତ ହେବ ୧୨ ସହର

**ଭୁବନେଶ୍ୱର, ୭।୨ (ମହାଭାରତ):** ଦେଶର ଦ୍ରୁତତମ ବିକାଶଶୀଳ ରାଜ୍ୟ ମଧ୍ୟରୁ ଗୋଟିଏ ହୋଇଥିବାରୁ ଓଡ଼ିଶା ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ସହରୀକରଣ ଏବଂ ଶିଳ୍ପାୟନ ଦେଇ ଗତି କରୁଛି। ସହରାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଗୃହ ଏବଂ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି, ଯାହା ଫଳରେ ଯାନବାହାନ ଚଳାଚଳ, ରାସ୍ତା ଧୂଳି, ଘରୋଇ ରୋଷେଇ, ଅଳିଆ। ଏବଂ ବାୟୋମାସ ପୋଡ଼ିବା ଏବଂ ବିଭିନ୍ନ ଉତ୍ସରୁ ପଳାୟନଶୀଳ ନିର୍ଗମନ ମାଧ୍ୟମରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇଛି। ଏହିପରି ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ, ଆଜି ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ୯ମ ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡକ୍ଟର କେ. ମୁରୁଗେସନ, ପରିବେଶ ନିର୍ଦ୍ଦେଶକ ପ୍ରେମ କୁମାର ଝା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଶିଳ୍ପ ବିଭାଗର ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

ବର୍ତ୍ତମାନ, ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୁଳ, ତାଳଚେର, କଳିଙ୍ଗ ନଗର ଏବଂ ବାଲେଶ୍ୱର ଭଳି ସାତଟି ସହରରେ ବାୟୁ ଗୁଣବତ୍ତା ଉନ୍ନତି ପାଇଁ ଅନେକ କାର୍ଯ୍ୟକଳାପ କାର୍ଯ୍ୟକାରୀ ହେଉଛି, ଯେତେବେଳେ ସମ୍ଭାବ୍ୟ ବାୟୁ ପ୍ରଦୂଷଣ ବିପଦ ଥିବା ଅନ୍ୟ ଅନେକ ସହରକୁ ଏନ୍‌ସିଏପିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଏକ୍ୟୁଏମ୍‌ସି କମିଟି ସମ୍ବଲପୁର, ବ୍ରହ୍ମପୁର, ପୁରୀ, ପାରାଦୀପ, କେଉଁଝର, ଯୋଡା, ବାର୍ବିଲ, ବୋନାଇ, ରାଜଗାଙ୍ଗପୁର, ଝାରସୁଗୁଡ଼ା, ବ୍ରଜରାଜନଗର ଏବଂ ବେଲପାହାଡ଼ ଭଳି ୧୨ଟି ସହରରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏକ୍ୟୁଏମ୍‌ସି ବିଭାଗ ଆଗାମୀ ପାଞ୍ଚ ବର୍ଷ ପାଇଁ ଏସ୍‌ସିଏପି ଚଲାଇବା ପାଇଁ ବଜେଟ୍ ବରାଦ ପାଇଁ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ପ୍ରଦାନ କରିବୟ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶାଙ୍କୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଅନୁରୋଧ କରାଯିବ।

# କିମ୍ସରେ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୨ (ମହାଭାରତ) :** ଆସୋସିଏସନ୍ ଅଫ୍ ଫୋନୋ ସର୍ଜନ୍ସ ଅଫ୍ ଇଣ୍ଡିଆ (ଏପିଏସ୍‌ଆଇ)ର ୨୦ତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ 'ଫୋନୋକନ୍-୨୦୨୫' ଶୁକ୍ରବାର କିମ୍ସରେ ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୪ଶହରୁ ଊର୍ଦ୍ଧ୍ୱ ସ୍ୱର ବିଶେଷଜ୍ଞ, ସର୍ଜନ, ସ୍ପିଚ୍ ଥେରାପିଷ୍ଟ ଯୋଗ ଦେଇଛନ୍ତି।




ଏ ନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଏପିଏସ୍‌ଆଇର ସଭାପତି ତଥା କିମ୍ସ କର୍ଣ୍ଣ, ନାସା ଓ ଗଳା ବିଭାଗ ମୁଖ୍ୟ ପ୍ରଫେସର ଡା. କବିକାନ୍ତ ସାମନ୍ତରାୟ କହିଲେ ତୃତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀରେ ସ୍ୱରଯନ୍ତ୍ର ଜନିତ ସମସ୍ୟା ଓ ତାହାର ନିରାକରଣ ବିଷୟରେ ତିନିଧରି ଆଲୋଚନା, କର୍ମଶାଳା ଅନୁଷ୍ଠିତ ହେବା ସହ କର୍ଣ୍ଣ, ନାସା ଓ ଗଳା ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରଙ୍କ ପାଇଁ ଲାଇଭ୍ ସର୍ଜରୀ କରାଯିବ। ଅତ୍ୟଧିକ କଥା କହିବା ଆମ ଶରୀରର ସ୍ୱରଯନ୍ତ୍ର ଉପରେ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ। ଫଳରେ ଆମ ସ୍ୱରରେ ପରିବର୍ତ୍ତନ ଘଟିଥାଏ। ତେଣୁ ଆବଶ୍ୟକତା ଠାରୁ ଅଧିକ ସମୟ କଥା ନ କହିବା ଓ ସୁସ୍ଥ ଗଳା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଦିନରେ ଓ ରାତିରେ ଦୁଇଥର ଦାନ୍ତ ଘଷିବା ସହ ଉଷୁମ ପାଣିରେ ଗର୍ଗଲିଂ କରିବା ପାଇଁ ପ୍ରଫେସର ସାମନ୍ତରାୟ ପରାମର୍ଶ ଦେଇଥିଲେ।

ସମ୍ମିଳନୀ ଆୟୋଜନ କମିଟିର ସମ୍ପାଦକ ଡା. ଖଗେଶ୍ୱର ରାଉତ କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ମଣିଷର ସ୍ୱର ଜନ୍ମଗତ ବୋଲି ସାଧାରଣରେ ଏକ ଧାରଣା ରହିଛି। କିନ୍ତୁ ଶରୀରରେ ଥିବା ସ୍ୱର ଯନ୍ତ୍ରର ଅସ୍ତ୍ରୋପଚାର କରାଯାଇ ସ୍ୱରକୁ ଠିକ୍ କରାଯାଇପାରିବ ବୋଲି ସେ କହିଥିଲେ। ପାନ, ଗୁଟଖା ଆଦି ଟବାକୋ ଖାଇବା ଓ ଧୂମପାନ ଆମର ସ୍ୱର ଯନ୍ତ୍ର ଓ ଗଳା ଉପରେ ପ୍ରଭାବ ପକାଇଥାଏ। ଏଥିଯୋଗୁଁ ଆମର ସ୍ୱର ଖରାପ ହେବା ସହ ନିଶ୍ୱାସ ନେବା ଓ ଢୋକିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱରରେ ପରିବର୍ତ୍ତନ କିମ୍ବା ଗଳା ଖରାପ ହେଲେ ଏହାକୁ ଆଦୌ ଅବହେଳା ନ କରିବାକୁ ସେ ପରାମର୍ଶ ଦେଇଥିଲେ। ପାନ, ଗୁଟ୍‌ଖା ଓ ଧୂମପାନ ସେବନଠାରୁ ଦୂରେଇ ରହିବା ପାଇଁ ବ୍ୟାପକ ସଚେତନା ସୃଷ୍ଟି ଉପରେ ଡା ରାଉତ ଗୁରୁତ୍ୱାରୋପ କରିଥିଲେ। ଏସବୁର ସଚେତନତା ପାଇଁ ସେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଏପିଏସ୍‌ଆଇର ପ୍ରତିଷ୍ଠାତା ସଭାପତି ଡା. ଭି ଫଣୀନ୍ଦ୍ରକୁମାର ଓ ସମ୍ପାଦକ ଡା ଆଲୋକ କାରୋଲକର ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ପାଇଁ ସୋଆର ମାର୍ଗଦର୍ଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୭।୨ (ମହାଭାରତ)** : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ସ୍ନିଲ୍) ଓ ସୋଆ ପ୍ଲେସ୍‌ମେଂଟ ସେଲ୍‌ର ମିଳିତ ଆନୁକୂଲ୍ୟରେ ଆଇନ୍ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁଯୋଗ ସଂପର୍କରେ ମାର୍ଗଦର୍ଶନ ପ୍ରଦାନ କରିବା ନିମନ୍ତେ ଏକ ଦିବସୀୟ କାର୍ଯ୍ୟକ୍ରମ 'ସୋଆ ଲେକ୍ସ କନସିଲିୟମ୍ - ୨୦୨୫'ର ତୃତୀୟ ସଂସ୍କରଣ ନିକଟରେ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏଲ୍‌ପିକୋ କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ଲୋକନାଥ ପ୍ରସାଦ କର ଯୋଗ ଦେଇ କହିଥିଲେ ଯେ ନିଜର ଦକ୍ଷତା ଓ ଜ୍ଞାନକୌଶଳ ମାଧ୍ୟମରେ ସବୁ କିଛି ସମ୍ଭବ ହୋଇଥାଏ। ତେଣୁ ପ୍ରଥମେ ନିଜ ଦକ୍ଷତାକୁ ସୁଦୃଢ଼ କରିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ସେ କହିଥିଲେ।

ଛାତ୍ରଛାତ୍ରୀମାନେ ଆଇନ ଅଧ୍ୟୟନ ପରେ କିପରି ନିଯୁକ୍ତି ପାଇଁ କେଉଁ କମ୍ପାନୀକୁ ଚୟନ କରିବେ ଓ ସେମାନଙ୍କୁ କେଉଁ କେଉଁ ଜିନିଷ ଉପରେ ଧ୍ୟାନ ଦେବାକୁ ପଡିବ ସେ ସମ୍ପର୍କରେ ଶ୍ରୀ କର ବୁଝାଇଥିଲେ।

ସେହିପରି ଏହି କାର୍ଯ୍ୟକ୍ରମରେ ସୋଆ



କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ନିଲ୍ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ରାଙ୍କିଙ୍ଗସ୍ ୨୦୨୪ ଅନୁଯାୟୀ ଦେଶରେ ୯ମ ଶ୍ରେଷ୍ଠ ଆଇନ୍ ଶିକ୍ଷାନୁଷ୍ଠାନ ଭାବରେ ସ୍ଥାନ ଅଧିକାର କରିଛି। ସୋଆ ସଦାସର୍ବଦା ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏଥି ନିମନ୍ତେ ୨୦ଟି ଗବେଷଣା କେନ୍ଦ୍ର ରହିଛି ବୋଲି ପ୍ରଫେସର ନନ୍ଦ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍ନିଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ବିବରଣୀ ପ୍ରଦାନ କରିଥିଲେ। ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଂଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କର୍ପୋରେଟ ଅଫେୟାର୍ସ ନିର୍ଦ୍ଦେଶକ ଶ୍ରୀ ରିପ୍ତି ରଂଜନ ଦାଶ ବକ୍ତବ୍ୟ ରଖିଥଲେ। 'ଆଇନ କ୍ଷେତ୍ରର ଉଦୀୟମାନ ଧାରା ଏବଂ ଫ୍ରେଶର୍ ମାନଙ୍କ ପାଇଁ ସୁଯୋଗ' ବିଷୟବସ୍ତୁ ଉପରେ ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ମୁଥୁଟ ଫିନକର୍ପ ଲିମିଟେଡ୍ (ଲିଗାଲ୍)ର ମୁଖ୍ୟ ପ୍ରଶାନ୍ତ କୁମାର, ଇଂଟିଗ୍ରିଅନ୍‌ର ନିର୍ଦ୍ଦେଶକ(ଏଚ୍‌ଆର) ଦେବେନ୍ଦ୍ର ସୁରେଶ ହାଟଙ୍ଗାଡି, ଚୋଲାମଣ୍ଡଳମ୍ ଏମ୍‌ଏସ୍ ଜେନେରାଲ୍ ଇନ୍‌ସୁରାନ୍‌ସ୍‌ର ଡେପୁଟି ଜେନେରାଲ୍ ମ୍ୟାନେଜର (ଏଚ୍‌ଆର୍) ଅଭିଷେକ ଦତ, ରୁଟ୍‌ସ୍ ସାଇବର ଲ' ଫାର୍ମର ପାର୍ଟନର ଶ୍ରୀମତି ଚିନ୍ମୟୀ ସାହୁ, ଲେକ୍ସ ପବ୍ଲିସିଓର ଆସୋସିଏଟ୍ ପାର୍ଟନର ଶ୍ରୀମତି ଆକାଂକ୍ଷା କବି, ଶିବଦାସ୍ ଆଣ୍ଡ ଶିବଦାସ୍‌ର ପାର୍ଟନର ଶ୍ରୀ ପ୍ରଶା' ଏସ୍ ଶିବଦାସ ଏବଂ ସ୍ନିଲର ଆସୋସିଏଟ ପ୍ରଫେସର ଶିବଶ୍ରୀତା ଭରଦ୍ୱାଜ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

'ଆଇନବୃତିର ଭବିଷ୍ୟତ : କିପରି ବୃତି କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟା ପରିବର୍ତନ ଆଣୁଛି' ଏହି ବିଷୟବସ୍ତୁ ଉପରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ, ରୁଟ୍‌ସ୍ ସାଇବର ଲ' ଫାର୍ମର ଫାଉଣ୍ଡିଂ ପାର୍ଟନର ଶ୍ରୀ ରଙ୍ଗନାଥ ଏମ୍ ଏ., ଡିଜିଟ୍ ଇନ୍‌ସୁରାଂସର (କର୍ପୋରେଟ ଲିଗାଲ୍ ଆଣ୍ଡ କମ୍ପ୍ଲିଆନ୍‌ସ) ମୁଖ୍ୟ ଶ୍ରୀମତି ରଶିକା ବିବେକ୍ କୁବେର, ଡିଏଲ୍‌ଏଫ୍ ଲିମିଟେଡର ଜେନେରାଲ୍ ମ୍ୟାନେଜର ଶ୍ରୀମତି ସ୍ୱାତୀ ସିଂ, ବାଇଓକନ୍ ବାୟୋଲୋଜିର ଗ୍ଲୋବାଲ୍ ଡିପିଓ ଶ୍ରୀ ତାନିନ୍ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନିଲର ବରିଷ୍ଠ ପ୍ରଫେସର ପ୍ରବୀର ପଟ୍ଟନାୟକ ଏବଂ ପ୍ରଫେସର ମଧୁସୂଦନ ଦାସ ମଧ୍ୟ ଯୋଗ ଦେଇଥିଲେ। ରିପ୍ତି ରଂଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ଲେସ୍‌ମେଂଟ ସେଲ୍‌ର ସିନିୟର ମ୍ୟାନେଜର କର୍ପୋରେଟ ରିଲେସନ୍ ଅଭିଷେକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୭ କ୍ରିକେଟ ଟିକେଟ୍ କଳାବଜାରୀ ଗିରଫ

**ଭୁବନେଶ୍ୱର,୦୭/୦୨: :** ଅଧିକ ଅର୍ଥ ଉପାର୍ଜନ ଲୋଭରେ ପାଇଁ ବାରବାଟୀ ମ୍ୟାଚ୍ର ଟିକେଟ୍ କଳା ବଜାରି କରୁଥିଲେ ଦୁର୍ବୃତ୍ତ । ୭ ଜଣଙ୍କୁ ଗିରଫ କଲା ଦରଘା ବଜାର ଥାନା ପୋଲିସ। ସେମାନଙ୍କ ପାଖରୁ ୨୫ଟି ଟିକେଟ୍ ସହ ୩୦ ହଜାର ଟଙ୍କା, ମୋବାଇଲ ଏବଂ ଗାଡ଼ି ମଧ୍ୟ ଜବତ କରାଯାଇଛି। କଟକ ଜିଲ୍ଲାରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି।

ସୂଚନା ମୁତାବକ, ଫେବୃଆରୀ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ହେବ ଭାରତ-ଇଂଲଣ୍ଡର ଦିନିକିଆ। ମ୍ୟାଚ। ସମଗ୍ର ଓଡିଶାବାସୀ ବିଶେଷ କରି କ୍ରୀଡ଼ାପ୍ରେମୀ ମାନେ ଅତି ଉତ୍କଣ୍ଠାର ସହ ସେହି ଦିନକୁ ଅପେକ୍ଷା କରି ରହିଛନ୍ତି । ଅନେକ ଲୋକ ଟିକେଟ୍ ଟିଏ ପାଇବା ପାଇଁ ଚେଷ୍ଟା କରୁଥିବା ବେଳେ ସେମାନଙ୍କର ଫାଇଦା ଉଠାଉଛନ୍ତି ଦଲାଲ। ଏହି ଦଲାଲ ମାନେ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଲାଇନରେ ଲଗାଇ ଟିକେଟ୍ କିଣୁଛନ୍ତି ଏବଂ ବଜାରରେ ୧୧୦୦ ଟଙ୍କାର ଟିକେଟ୍କୁ ପାଖାପାଖି ୭ ହଜାର ଟଙ୍କାରେ ବ୍ଲାକ୍ କରୁଛନ୍ତି। ଏନେଇ ପୋଲିସକୁ ସୂଚନା ମିଳିବା ପରେ ବିଭିନ୍ନ ସ୍ଥାନରେ ଅଚାନକ ଚଢାଉ କରିଥିଲା ଦରଘା ବଜାର ଥାନା ପୋଲିସ। ଚଢାଉ କରି ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୨୫ଟି ଟିକେଟ୍ ସହ ୩୦ ହଜାର ଟଙ୍କା, ମୋବାଇଲ ଏବଂ ଗାଡ଼ି ମଧ୍ୟ ଜବତ କରାଯାଇଛି।

# ମାର୍ଚ୍ଚ ସୁଦ୍ଧା ଗଞ୍ଜେଇ ଚାଷ ମୂଳୋତ୍ପାଟନ

**ଭୁବନେଶ୍ୱର, ୦୭/୦୨ :** ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ। ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏକ ସମୀକ୍ଷା ବୈଠକରେ ଡିଜିପି ଶ୍ରୀ ଖୁରାନିଆ। ଗଞ୍ଜେଇ ମାଫିଆମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଏସପି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ବତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ଖୁରାନିଆ। ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅଭିଯାନ ଗତବର୍ଷ ନଭେମ୍ବର ମାସ ୦୧ ତାରିଖରୁ ଆରମ୍ଭ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୫ ହଜାର ଏକରରୁ ଉର୍ଦ୍ଧ୍ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ପୋଡି ନଷ୍ଟ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୨୧୩ ଟି ମାମଲା ରୁଜୁ କରାଯାଇଥିବାବେଳେ ୮୨୬୯ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରିବା ପୋଲିସ ପାଇଁ ବଡ଼ ସଫଳତା ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ମସିହାରେ ୩୫୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଥିଲା। ସେହିପରି ୨୦୨୩ ମସିହାରେ ୪୨୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୦ ହଜାର ୫୪୧ ଏକର, ୨୦୨୨ ମସିହାରେ ୫୭୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୪ ହଜାର ୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ରାଜ୍ୟର ୮ ଟି ଜିଲ୍ଲାରେ ଗଞ୍ଜେଇ ଚାଷ ବିରୁଦ୍ଧରେ ସ୍ପେଶାଲ ଡ୍ରାଇଭ ଚାଲିଛି। ରାୟଗଡା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବା ବେଳେ ଏହାର ମୂଳୋଉତ୍ପାଟନ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ଡ୍ରୋନ ଏବଂ ସାଟେଲାଇଟ ସାହାଯ୍ୟରେ ଏକର ଏକର ଗଞ୍ଜେଇ ଚାଷ ଜମିକୁ ଚିହ୍ନଟ କରା ଯିବା ପରେ ଏହାକୁ ନଷ୍ଟ କରାଯାଉଛି। ଏହା ସହ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ପୋଲିସ ସଚେତନ କରାଉଥିବା ବେଳେ ଗଞ୍ଜେଇ ଚାଷ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ। ଚେତାବନୀ ଦେଇଛନ୍ତି।

# ବଜେଟ୍ ଓ ମଧ୍ୟବିତ

ଦେଶରେ ମୁଦ୍ରାସ୍ଫିତୀ, ବେତନ ଏବଂ କର ଟିକସ ବଢିଚାଲିଥିବାବେଳେ ଗଲା ବର୍ଷ ବର୍ଷ ଧରି ମଧ୍ୟବିତ ବର୍ଗ ଆର୍ଥୀକ ଚାପରେ ଚିପି ହୋଇ ରହିଥିବା ସମୟରେ ୨୦୨୫-୨୬ ବର୍ଷର କେନ୍ଦ୍ରୀୟ ବଜେଟରେ ଆୟକର ଛାଡ ସୀମା ୧୨ଲକ୍ଷ ଟଙ୍କାକୁ ବୃଦ୍ଧି ଓ ଟିକସ ହ୍ରାସ ସେମାନଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ଅର୍ଥମନ୍ତ୍ରୀ ସୀତା ରମଣଙ୍କ ଅଷ୍ଟମ ବଜେଟ ମଧ୍ୟବିତଙ୍କ ବିଶ୍ୱାସ ତଥା ଆସ୍ଥା ହାସଲ ସହ ବ୍ୟୟ ବୃଦ୍ଧି ସାମର୍ଥ୍ୟ ବୃଦ୍ଧି ନିମନ୍ତେ ଏକ ରାଜନୈତିକ ଓ ଆର୍ଥୀକ ବାଜି ବୋଲି କହିଲେ ଅତିରଂଜିତ ହୋଇନପାରେ। ଏଥି ସହ ଅର୍ଥମନ୍ତ୍ରୀ ଚଳିତ ଅଧିବେଶନରେ ଏକ ନୂତନ ଆୟକର ବିଲ୍ ଆଗତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଯେଉଁଥିରେ 'ପ୍ରଥମେ ବିଶ୍ୱାସ କର' ପରେ ଯାଂଚ କର ନୀତି ପ୍ରାଧାନ୍ୟ ପାଇବ। ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ଏହା ନିସନ୍ଦେହ ଯେ, ସ୍ୱଚ୍ଛ ଟିକସଦାତା ଏବଂ ସେମାନଙ୍କୁ ଆଶ୍ୱସ୍ତି ପ୍ରଦାନ ଦେଶର ଅର୍ଥନୀତି ପାଇଁ ଶୁଭଙ୍କର। ସେହିପରି ଏହା ସତ୍ୟ ଯେ, ଦେଶ ଗଠନରେ ମଧ୍ୟବିତଙ୍କ ଅବଦାନକୁ ଅସ୍ୱୀକାର କରାଯାଇନପାରେ। ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଅଭିଭାଷଣରେ ବହୁ ଜନହିତକର ଯୋଜନା ଘୋଷଣା କରିଛନ୍ତି। ଯାହା ଦ୍ୱାରା ମଧ୍ୟବିତ ବର୍ଗ ମଧ୍ୟ ଉପକୃତ ହୋଇପାରିବା ସାମର୍ଥ୍ୟ ବହନ କରେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବଜେଟ ଅର୍ଥମନ୍ତ୍ରୀ ୯ଥର ମଧ୍ୟବିତ ଶବ୍ଦ ଉଚ୍ଚାରଣ କରିଥିବା ସମୟରେ ଗଲା ୬ମାସ ପରେ ଉପସ୍ଥାପିତ କରିଥିବା ବଜେଟରେ ମାତ୍ର ୩ଥର ମଧ୍ୟବିତ ଶବ୍ଦ ଉଚ୍ଚାରଣ କରିଥିଲେ। ଏହା ଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଏବଂ ଦୀର୍ଘ ବର୍ଷ ବର୍ଷ ଧରି ଆର୍ଥୀକ କ୍ଷେତ୍ରରେ ଅବହେଳିତ ହୋଇଆସିଥିବା ମଧ୍ୟବିତ ବର୍ଗ ଉପକୃତ ହେବା ଆଶା ଉଜ୍ଜ୍ୱଳ କରିଛି। ବଜେଟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଆର୍ଥୀକ ଭାରସାମ୍ୟ ବଜାୟ ରଖିବା। ଉଲ୍ଲେଖ କରାଯାଇପାରେ ୨୦୨୪-୨୫ ବଜେଟରେ ଅର୍ଥମନ୍ତ୍ରୀ ବିତୀୟ ନିଅଂଟକୁ ମୋଟ ଘରୋଇ ଉତ୍ପାଦନ (ଜିଡିପି)ର ୪.୯ ପ୍ରତିଶତ ରଖିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏହାକୁ ୪.୮ ପ୍ରତିଶତରେ ସୀମିତ ରଖିବା ପାଇଁ ସଫଳ ହୋଇଛନ୍ତି। ଆଗାମୀ ଆର୍ଥୀକ ବର୍ଷ ପାଇଁ ଏହା ଜିଡିପିର ୪.୪ ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୂର୍ବ ବର୍ଷ ଗୁଡିକରେ ବିତୀୟ ନିଅଂଟ ୨୦୨୦-୨୧ରେ ୯.୨ ପ୍ରତିଶତ ଥିବାବେଳେ ୨୦୨୧-୨୨ରେ ୬.୭ ପ୍ରତିଶତ ଏବଂ ୨୦୨୨-୨୩ରେ ୬.୪ ପ୍ରତିଶତ ଥିଲା। ବଜେଟରେ ସରକାର ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା ଗ୍ରାମାଚଂଳ ଆଦି ୧୦ଟି କ୍ଷେତ୍ରକୁ ଅଗ୍ରାଧିକାର ଦେବାବେଳେ କେତେକ ନୂଆ ଯୋଜନା ଘୋଷଣା କରିଛନ୍ତି। ଭାରତର ଅଭିବୃଦ୍ଧି ସମ୍ଭାବନା ସହ ବୈଶ୍ୱିକ ପ୍ରତିଦ୍ୱନ୍ଦିତାକୁ ବଢାଇବା ପାଇଁ ଟିକସ, ଶକ୍ତିକ୍ଷେତ୍ର, ସହରାଚଂଳ ବିକାଶ, ଖଣିକ୍ଷେତ୍ର ଏବଂ ନିୟାମକ ସଂସ୍କର କ୍ଷେତ୍ରରେ ଅନେକ ପରିବର୍ତନ ଆଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହିପରି ଏକ ବିକଶିତ ଭାରତ ବର୍ଷ ଗଠନ ଲକ୍ଷ୍ୟ ପୁରଣ ଲାଗି ଅର୍ଥମନ୍ତ୍ରୀ ବଜେଟରେ ସ୍ୱଷ୍ଟ ପଦକ୍ଷେପ ଗ୍ରହଣ ପୂର୍ବକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ବିକାଶକୁ ସୁରକ୍ଷିତ ରଖିବା, ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶକୁ ଉତ୍ସାହିତ କରିବା ପାଇଁ ପ୍ରୟାସ କରିଛନ୍ତି। ଅର୍ଥ ବ୍ୟବସ୍ଥାରେ ଘରୋଣକରଣ ନିବେଶ ଧିମା ହୋଇଥିବା ଏବଂ କର୍ପୋରେଟ ଆବଶ୍ୟକ ଆଗ୍ରହ ଦେଖାଉଥିବା ବେଳେ ସରକାର ପୂର୍ବପରି କ୍ଷେତ୍ର ପ୍ରୋତ୍ସାହନ ଦେବାର ସଂକେତ ପ୍ରଦାନ କରିଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ଦୁଇଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବିଶେଷ କରି ମହାମାରୀ କୋରୋନା ପ୍ରଭାବରେ ଦୀର୍ଘକାଳୀନ ତାଲାବନ୍ଦ କାଳରେ ଗ୍ରାମୀଣ ତଥା ପ୍ରବାସୀ ଶ୍ରମିକଙ୍କର ଜୀବନ ଜୀବିକା ପାଳଟିଥିବା ମନେରଗା ପ୍ରତି ସରକାରଙ୍କ ବିମୁଖତା ସ୍ୱଷ୍ଟ ବାରି ହୋଇପଡିଛି। ସେହିପରି ଦେଶରେ ବେକାରୀ ବେରୋଜଗାରୀ ଉକ୍ଟ ହୋଇଚାଲିଥିବାବେଳେ ନଥିବା ବଜେଟ ସୂଚନା ଦେଉଛି। ଆହୁରି ମଧ୍ୟ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବଜେଟରେ କୌଣସି ଠୋସ ପଦକ୍ଷେପ ନିଆଯାଇଥିବା ଆଦୌ ମନେହୁଏ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଡିଶାରେ ବିଜେପି ସରକାର ଗଢିଥିବା ଏବଂ ରାଜ୍ୟରୁ ୨୦ଜଣ ସାଂସଦ ନିର୍ବାଚିତ ହୋଇଥିବାବେଳେ ରାଜ୍ୟପାଇଁ କିଛି ବିଶେଷ ଘୋଷଣା କରାଯାଇନଥିବା କହିଲେ ଭୁଲ ହୋଇନପାରେ।

# ମାଘ ସପ୍ତମୀର ଆଧ୍ୟାତ୍ମିକ ମହତ୍ୱ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପବିତ୍ର ମାଘ ମାସ ଶୁକ୍ଳପକ୍ଷର ସପ୍ତମ ଦିନରେ ଭାରତରେ ପାଳିତ ହୋଇଥାଏ ମାଘ ସପ୍ତମୀ। ଏହି ପବିତ୍ର ଦିବସ ରଥ ସପ୍ତମୀ ନାମରେ ମଧ୍ୟ ପ୍ରସିଦ୍ଧ। ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିର ଏହା ହେଉଛି ସପ୍ତମ ଦିନ। ମାଘ ସପ୍ତମୀରେ ସୂର୍ଯ୍ୟଦେବ ନିଜର ସାତଟି ଘୋଡ଼ା ସହ ଉତ୍ତର ଗୋଲାର୍ଦ୍ଧକୁ ଗତି କରିଥାନ୍ତି। ଏହି ପବିତ୍ର ଦିବସ ସୂର୍ଯ୍ୟଦେବଙ୍କ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଇଥାଏ। ଏହି ଦିନ ଋଷି କଶ୍ୟପ ଏବଂ ତାଙ୍କ ପତ୍ନୀ ଆଦିତିଙ୍କ ଠାରୁ ସୂର୍ଯ୍ୟଦେବ ଜନ୍ମ ନେଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ରଥପସ୍ତମୀ ବିଷୟରେ ଏକ ପୌରାଣିକ କିମ୍ବଦନ୍ତୀ ରହିଛି। ଏକ ରାଜ୍ୟରେ ଜଣେ ରାଜା ଥିଲେ। ତାଙ୍କର କେହି ସନ୍ତାନସନ୍ତତି ନଥିଲେ। ଭଗବାନଙ୍କୁ ଆରାଧନା ପରେ ରାଜାଙ୍କର ଏକ ପୁତ୍ର ଜାତ ହେଲା। ମାତ୍ର ସେହି ପୁତ୍ର ସର୍ବଦା ଅସୁସ୍ଥ ରହୁଥିଲା। ସେଥିପାଇଁ ରାଜା ଚିନ୍ତିତ ଥିଲେ। ରାଜାଙ୍କ ପୁତ୍ରଙ୍କୁ ରଥ ସପ୍ତମୀ ପୂଜା କରିବାକୁ ଜଣେ ଋଷି ପରାମର୍ଶ ଦେଲେ। ରାଜପୁତ୍ର ମାଘ ସପ୍ତମୀରେ ପୂଜା କରିବା ପରେ ତାଙ୍କର ସମସ୍ତ ପାପ କ୍ଷୟ ହୋଇଥିଲା ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ। ମାଘ ସପ୍ତମୀ ଠାରୁ ନୂତନ କୃଷି ଋତୁ ଆରମ୍ଭ ହୋଇଥାଏ। ଭାରତୀୟ କୃଷକମାନେ ସୂର୍ଯ୍ୟଦେବଙ୍କୁ ପୂଜା କରିବା ସହ କୃଷି କାର୍ଯ୍ୟ ଆରମ୍ଭ କରିବା ଲାଗି ତାଙ୍କର ଆଶୀର୍ବାଦ ଲୋଡ଼ିଥାନ୍ତି। ଦେଶର ବିଭିନ୍ନ ସ୍ଥାନରେ ଥିବା ସୂର୍ଯ୍ୟମନ୍ଦିରରେ ଏହି ଦିନରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ।

ସେହିପରି ମାଘ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଅଚଳା ସପ୍ତମୀ ବ୍ରତ ପାଳନ କରାଯାଇଥାଏ। ଏହିଦିନ ମହିଳାମାନେ ସୂର୍ଯ୍ୟ ନାରାୟଣଙ୍କୁ ଉପାସନା କରିବା ସହ ବ୍ରତ ରଖିଥାନ୍ତି। ସେଥିପାଇଁ ଏହାକୁ ସୌର ସପ୍ତମୀ ମଧ କୁହାଯାଏ। ସୌଭାଗ୍ୟ ପ୍ରଦାନ କରୁଥିବା ଏହି ବ୍ରତରେ ଗୋଟିଏ ବେଳା ଖାଦ୍ୟ ଗ୍ରହଣ କରି ସୂର୍ଯ୍ୟଦେବଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ବ୍ରତ ନିମନ୍ତେ ପ୍ରାତଃ ନିଦ୍ରା ତ୍ୟାଗ କରି ଦୈନିକ କାର୍ଯ୍ୟରୁ ପ୍ରଥମେ ନିବୃତ୍ତ ହେବା ଆବଶ୍ୟକ। ଏହାପରେ ଭଗବାନ ସୂର୍ଯ୍ୟଙ୍କ ଅଷ୍ଟଦଳୀ ପ୍ରତିମାନ ନିର୍ମାଣ କରି ଏହାମଧ୍ୟରେ ଶିବ-ପାର୍ବତୀଙ୍କ ପ୍ରତିଷ୍ଠା କରି ପୂଜା କରନ୍ତୁ। ପୂଜା ପରେ ତମ୍ବା ପାତ୍ରରେ ଦୀନଦରିଦ୍ରଙ୍କୁ ଅକ୍ଷତ ବା ଚାଉଳ ଦାନ କରିବା ଉଚିତ।

ପ୍ରାଚୀନ ରଚନାବଳୀର ତଥ୍ୟରୁ ଜଣାଯାଏ ଯେ, ସୂର୍ଯ୍ୟ ପୂଜାର ଅନବଦ୍ୟ ଭିତ୍ତିଭୂମି ଉପରେ ଏହି ମାଘ ମେଳା ପର୍ଯ୍ୟବେସିତ । ସକଳ ଶକ୍ତିର କେନ୍ଦ୍ରବିନ୍ଦୁ ହେଉଛନ୍ତି ସୂର୍ଯ୍ୟ ବା ଦିବାକର । ସେ ହେଉଛନ୍ତି ସୃଷ୍ଟିର ସ୍ଥିତି ଓ ବିଲୟ । ଆମେ ସମସ୍ତେ ଜାଣିଛୁ ଯେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ସୂର୍ଯ୍ୟ ପୂଜା ହେଉଛି ସମସ୍ତ ନୀତିର ପ୍ରଥମ ନିୟାମକ । ପୂର୍ବ ସମୟରେ ମାଘ ମେଳା ଦର୍ଶନ ସହ ପବିତ୍ର ସ୍ନାନ ପାଇଁ ଦୂରଦୂରାନ୍ତରୁ ବହୁ ଧର୍ମପିପାସୁମାନେ ପଦବ୍ରଜରେ କୋଣାର୍କ ନିକଟସ୍ଥ ଏହି ସ୍ଥାନରେ ପହଞ୍ଚୁଥିଲେ । ଶୀତ ଋତୁର କୋହଲା ଓ ଥଣ୍ଡାର ସ୍ନାନ ସେମାନଙ୍କ ପାଇଁ ଯନ୍ତ୍ରଣାଦାୟକ ନଥାଏ ବରଂ ଏକ ଦିବ୍ୟ ଭାବନା ଓ ଦିବ୍ୟ ଜୀବନ ପାଇବା ଉଦ୍ଦେଶ୍ୟରେ ସର୍ବୋପରି ପ୍ରାଣଶକ୍ତିର ମାନବୀୟ ବିଦ୍ୟୁତ୍ର ପ୍ରଚଣ୍ଡ ପ୍ରବାହକୁ କ୍ଷଣିକ ମୁହୂର୍ତ୍ତରେ ଅନୁଭବ କରିବା ପାଇଁ ସମସ୍ତେ ସମବେତ ହୋଇଥାନ୍ତି । ତେବେ ଏହାର ଅନ୍ତର୍ନିହିତ ଗୁଢ଼ ତତ୍ତ୍ୱ ହେଉଛି ଆତ୍ମିକ ପ୍ରଗତି ଓ ଉନ୍ନତି ପାଇଁ ଯେଉଁମାନବ ସତ୍ତା ଆବଶ୍ୟକ ଯେଉଁ ଚିନ୍ତା ଓ ଚେତନା ଆବଶ୍ୟକ ହୋଇଥାଏ ତାହା ହିଁ ହେଉଛି ମାଘ ସପ୍ତମୀ ବା ମାଘ ମେଳାର ଗୁଢ଼ ଭିତ୍ତି ।

ଜୀବନ ଜିଜ୍ଞାସା, ଦିବ୍ୟାନୁଭୂତି, ଆଧ୍ୟାତ୍ମିକ ଭାବସ୍ଫୁରଣ, ନୈତିକ ଚିନ୍ତା ଦ୍ୟୋତନ, ଧର୍ମୀୟ ପରିଷ୍କରଣ ମାଘ ମେଳାର ତାତ୍ତ୍ୱିକ ପରିପ୍ରକାଶ ହୋଇନଥିଲେ କେଉଁ କାରଣରୁ ବହୁପଥ ଅତିକ୍ରମି, ଭକ୍ତିପ୍ରାଣ, ସରଳ ବିଶ୍ୱାସୀ, ଆତ୍ମସନ୍ଧାନୀ, ଅମୃତ ଓ ଆଲୋକଦ୍ରଷ୍ଟା ଓଡ଼ିଆମାନେ କୋଣାର୍କରେ ପବିତ୍ର ସ୍ନାନ କରି ମହାଶକ୍ତି, ଅସୀମ, ଅନନ୍ତ, ତେଜିୟାନ ସୂର୍ଯ୍ୟଙ୍କୁ ନତମସ୍ତକ ହୁଅନ୍ତେ ? ଏହି ପବିତ୍ର ମାଘ ମେଳା ପଛରେ ଭଗବାନ କୃଷ୍ଣଙ୍କ ପୁତ୍ର ଶାମ୍ବଙ୍କ କୁଷ୍ଠରୋଗରୁ ମୁକ୍ତିଲାଭର ପୌରାଣିକ କାହାଣୀ ଯୁଗେ ଯୁଗେ ଜନମାନସରେ ଉଜ୍ଜିବୀତ ରହିଛି । ପୁରାଣର କାହାଣୀରୁ ଜଣାଯାଏ ପିତାଙ୍କ ଦ୍ୱାରା ଅଭିଶପ୍ତ ଶାମ୍ବ ମାଘ ସପ୍ତମୀ ଦିନ ସୂର୍ଯ୍ୟଦୋୟ ପୂର୍ବରୁ ଚନ୍ଦ୍ରଭାଗାରେ ପ୍ରାତଃ ସ୍ନାନ କରି କୁଷ୍ଠରୋଗରୁ ମୁକ୍ତି ପାଇଥିଲେ । ସେହିଦିନ ଉତ୍ତରାୟଣର ସୂର୍ଯ୍ୟଙ୍କୁ ଦର୍ଶନ କରି ମାଘ ବୁଡ଼ର ଶ୍ରଦ୍ଧାଳୁମାନେ ଭଗବାନ ସୂର୍ଯ୍ୟଙ୍କ କୃପା ପ୍ରାପ୍ତି ପାଇଁ ଭକ୍ତି ନୈବେଦ୍ୟ ଅର୍ପଣ କରିଥାନ୍ତି । ଅନେକ ଶ୍ରଦ୍ଧାଳୁ କୋଣାର୍କରୁ ମାଘ ସ୍ନାନ କରି ପବିତ୍ର ସ୍ନାନ ପରେ ପୁରୀସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପ୍ରାପ୍ତି ହୋଇ ଆନନ୍ଦ ସହକାରେ ମହାପ୍ରସାଦ ସେବନ କରିଥାନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଧ୍ୟାତ୍ମିକ ସଂସ୍କୃତିର ସମ୍ମିଳନୀ ଘଟିଥାଏ । ଓଡ଼ିଶାର ଗୌରବଜ୍ଜ୍ୱଳ ଅତୀତର ସ୍ମୃତି ଲୁପ୍ତାଭିମୁଖୀ ହୋଇଥିବା ସମୟରେ ମାଘ ମେଳା ସୂଚିତ କରିଥାଏ ପ୍ରାଚୀନ ଉତ୍କଳର ଭକ୍ତି ଉପାସନାର ଶ୍ରେଷ୍ଠତ୍ୱକୁ ।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟାଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭, E-mail :
drumeshchandra123patra@gmail.com


# କୁମ୍ଭମେଳା : ସମୁଦ୍ର ମନ୍ଥନର କାହାଣୀ ଓ ସର୍ପ ଗରୁଡ଼ ଦେବ

**ତ୍ରିନାଥ ଓଝା**

ଭାରତର ସବୁଠାରୁ ବଡ଼ ଧାର୍ମିକ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଛି ପ୍ରୟାଗରାଜରେ। କୋଟି କୋଟି ଲୋକଙ୍କ ଭିଡ଼ ଜମୁଛି। ତେବେ କୁମ୍ଭମେଳା ଯେତେ ଦିନକୁ ଦିନ ଲମ୍ବୁଛି ଏହି କୁମ୍ଭମେଳା ସମ୍ପର୍କରେ ଭାରତର ତମାମ ଖବରକାଗଜ, ପତ୍ରପତ୍ରିକା, ଟିଭି ଚ୍ୟାନେଲ ଓ ସୋସିଆଲ ମିଡ଼ିଆରେ ଅନେକ ଖବର ସବୁ ଛାଇ ହୋଇଯାଉଛି। କହିବାକୁଗଲେ ଭାରତ ବର୍ଷର ସବୁଠାରୁ ବଡ଼ ଖବର ପ୍ରୟାଗରାଜରେ ଅନୁଷ୍ଠିତ କୁମ୍ଭମେଳା। ତେବେ କୁମ୍ଭମେଳାର ଉତ୍ପତ୍ତି ସମ୍ପର୍କରେ କିଛି ଲେଖିଲାବେଳକୁ ଆମ ପୌରାଣିକ କାହାଣୀ ବିଶେଷକରି ଗରୁଡ଼ ପୁରାଣର ତଥ୍ୟ ଏଠାରେ ରଖୁଛୁ। ପୌରାଣିକ ତଥ୍ୟ ଓ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁଯାୟୀ କୁମ୍ଭମେଳା ପଛରେ ସମୁଦ୍ର ମନ୍ଥନର ଏପରି ଅନେକ ଘଟଣା ରହିଛି ଯାହା ଏ ପର୍ଯ୍ୟନ୍ତ ଅନେକ ଲୋକ, ପାଠକ, ଲେଖକ,ଏପରିକି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଜାଣି ନାହାଁନ୍ତି ଏବଂ ସେ ଘଟଣାବଳୀ ଏ ପର୍ଯ୍ୟନ୍ତ ଆଲୋଚିତ ହୋଇପାରି ନାହିଁ।

ଗରୁଡ଼ ପୁରାଣର କଥାବସ୍ତୁ ଅନୁଯାୟୀ ଋଷି କଶ୍ୟପଙ୍କର କଦ୍ରୁ ଓ ବିନତା ନାମରେ ଦୁଇଜଣ ପତ୍ନୀ ଥିଲେ ଏବଂ ସେମାନେ ଦୁଇ ଭଉଣୀ ମଧ୍ୟ ଥିଲେ। କିନ୍ତୁ ଦୁଇ ଭଉଣୀ ହୋଇଥିଲେ ମଧ୍ୟ ପରସ୍ପରଙ୍କ ଭିତରେ ନାଁ ଥିଲା ଶ୍ରଦ୍ଧା ନାଁ ଭଲ ପାଇବା। ସେମାନଙ୍କ ଭିତରେ ସବୁବେଳେ ଭରି ରହିଥିଲା ଈର୍ଷା, କପଟତା ଓ ଦ୍ୱେଷର ଭୟାନକ ବିଷ। ଏକଦା କଦ୍ରୁ କଶ୍ୟପ ଋଷିଙ୍କୁ ଏକ ଦିବ୍ୟ ଆଶୀର୍ବାଦ, କୃପା ଓ ବର ସ୍ୱରୂପ ଶହେ ଶକ୍ତିଶାଳୀ ସନ୍ତାନର ଜନନୀ ହେବାର କୃପା ବର ମାଗିଥିଲେ। ଋଷି କଶ୍ୟପ ସ୍ୱୀକୃତି ପୂର୍ବକ ତଥାସ୍ତୁ କହିବା ପରେ ବରର ଆଶୀର୍ବାଦ ସ୍ୱରୂପ କଦ୍ରୁଙ୍କୁ ଶହେ ଅଣ୍ଡା ପ୍ରାପ୍ତ ହୋଇଥିଲା। ଏହା ଦେଖି ତାଙ୍କର ଅନ୍ୟତମ ପତ୍ନୀ ବିନତା ଋଷି କଶ୍ୟପଙ୍କୁ ବର ପ୍ରାର୍ଥନା କରିଥିଲେ। ବିନତା କିନ୍ତୁ ବର ସ୍ୱରୂପ ଦୁଇଟି ହେଲେ ମଧ୍ୟ ପୃଥିବୀର ସର୍ବଶକ୍ତିଶାଳୀ ସନ୍ତାନଙ୍କର ଜନନୀ ହେବାର ବର ପ୍ରାର୍ଥନା କରିଥିଲେ। ବିନତା ମଧ୍ୟ ତଥାସ୍ତୁର ଆଶୀର୍ବାଦ ପାଇ ତାଙ୍କୁ ଦୁଇଟି ଅଣ୍ଡା ପ୍ରାପ୍ତ ହୋଇଥିଲା। ତେବେ କିଛି ଦିନ ପରେ କଦ୍ରୁଙ୍କୁ ପ୍ରାପ୍ତ ହୋଇଥିବା ଅଣ୍ଡାରୁ ଶହେ ସର୍ପ ସନ୍ତାନ ଜନ୍ମ ହେବାର ଦେଖି ବିନତା ଚିନ୍ତିତ ଓ ଭାରାକ୍ରାନ୍ତ ହୋଇପଡ଼ିଥିଲେ। ତେବେ ଅଧୈର୍ଯ୍ୟ ହୋଇ ନିଜେ ପ୍ରାପ୍ତ ହୋଇଥିବା ଅଣ୍ଡାରୁ ସନ୍ତାନ ଉତ୍ପନ୍ନ ହେବାର ବିଳମ୍ବ ଦେଖି ଗୋଟିଏ ଅଣ୍ଡା ଭାଙ୍ଗି ଦେଇଥିଲେ ତେବେ ଯେଉଁ ଅଣ୍ଡାଟି ସେ ଭାଙ୍ଗିଥିଲେ ସେଥିରୁ ସନ୍ତାନର ମୁହଁ ପକ୍ଷୀ ପରି ଥିଲା କିନ୍ତୁ ବେକର ତଳ ଶରୀର ସଠିକ ଭାବେ ସଠିକ ରୂପ ମଧ୍ୟ ନେଇପାରି ନଥିଲା। ଅସମୟରେ ଅଣ୍ଡା ଭାଙ୍ଗିବାରୁ ପକ୍ଷୀ ପରି ଦୃଶ୍ୟମାନ ହେଉଥିବା କ୍ଷୁଦ୍ର ସାବକଟି ତତ୍କ୍ଷଣାତ ଆକାଶକୁ ଉଠିଯାଇ ତୀବ୍ର କ୍ରୋଧ ଓ ଅସନ୍ତୋଷ ବ୍ୟକ୍ତ କରି ମାତା ବିନତାଙ୍କୁ ସତର୍କତାର ସହିତ କହିଥିଲେ ଯେ ମୋତେ ଯେଉଁପରି ଅସମୟରେ ଏ ସୃଷ୍ଟିକୁ ଆଣିଲ ଦ୍ୱିତୀୟ ଅଣ୍ଡାକୁ ଭୁଲରେ ଆଦୌ ସେପରି କରିବ ନାହିଁ। ଅତ୍ୟନ୍ତ ଦୁଃଖିତ, ଭାରାକ୍ରାନ୍ତ ଓ ଶୋକରେ ବୁଡ଼ି ଯାଇଥିଲେ ବିନତା। ତେବେ ସେ ଗଭୀର ଆକାଶକୁ ଉଡ଼ି ଯାଇଥିବା ସାବକଟି ଥିଲା ଅରୁଣ। ଭାରତର ଅନେକ ପୁରାଣ ବସ୍ତୁର କଥନିକାରେ ସେ ସୂର୍ଯ୍ୟଙ୍କର ବାହାନ ସାଜିଥିଲେ। ତେବେ ପରବର୍ତ୍ତୀ ସମୟରେ ସଠିକ ଓ ନିର୍ଦ୍ଧାରିତ ସମୟରେ ଦ୍ୱିତୀୟ ଅଣ୍ଡାରୁ ଏକ ଉଜ୍ଜ୍ୱଳ ଆଭାରେ ବିକିରିତ ହୋଇଥିବା ସନ୍ତାନଟି ଆବିର୍ଭାବ ହୋଇଥିଲେ। ପକ୍ଷୀ ପରି ତାଙ୍କ ମୁଖ ମଣ୍ଡଳ ଥିଲେ ମଧ୍ୟ ତାଙ୍କ ଶରୀର କିନ୍ତୁ ଏକ ସମର୍ଥ ଦିବ୍ୟ ସୌନ୍ଦର୍ଯ୍ୟର ତେଜଦୀପ୍ତ ବଳବାନ ପୁରୁଷ ପରି ସେ ଦେଖାଯାଉଥିଲେ। ସେ ଥିଲେ ସ୍ୱୟଂ ଗରୁଡ଼। ଗରୁଡ଼ଙ୍କ ଆବିର୍ଭାବ ଓ ଜନ୍ମ ସମୟକୁ ନେଇ କେବଳ ଗରୁଡ଼ ପୁରାଣ ନୁହେଁ ଅନେକ ପୁରାଣରେ ଏ ବିଷୟରେ ଲେଖା ଅଛି।

ପରବର୍ତ୍ତୀ ସମୟରେ ଅର୍ଥାତ୍ ଗରୁଡ଼ ଜନ୍ମ ହେବାବେଳକୁ କଦ୍ରୁ ଓ ତାଙ୍କର ଶହେ ସନ୍ତାନ ବିନତାଙ୍କୁ କାରାଗାରରେ ବନ୍ଦୀ କରି ରଖିଥିଲେ। ନିଜ ମାତାଙ୍କ ବନ୍ଦିନୀ ଜୀବନରୁ ମୁକ୍ତି ପାଇବା ପାଇଁ କଦ୍ରୁଙ୍କ ନିକଟକୁ ଗରୁଡ଼ ଯାଇ ବିନୀତ ପ୍ରାର୍ଥନା କରିଥିଲେ। ତେବେ କଦ୍ରୁଙ୍କ ସର୍ତ୍ତ ରହିଥିଲା ସ୍ୱର୍ଗରୁ ଅମୃତ କଳସ ଆଣି ପାରିଲେ ତୁମ ମାତା ମୁକ୍ତ ହୋଇପାରିବେ। ଗରୁଡ଼ କଠୋର ପରୀକ୍ଷାକୁ ସାମ୍ନା କରି ନିଜ ମାଆଙ୍କୁ ବନ୍ଦିନୀ ଜୀବନରୁ ମୁକ୍ତ କରିବା ପାଇଁ ସ୍ୱର୍ଗଲୋକ ପହଞ୍ଚି ଅମୃତ କଳସ ଚୋରାଇ ଆଣିବାକୁ ପଛଘୁଞ୍ଚା ଦେଇନଥିଲେ ଏବଂ ଏଥିପାଇଁ ଗରୁଡ଼ଙ୍କର ଦେବରାଜ ଇନ୍ଦ୍ର ଓ ବରୁଣଙ୍କ ସହ ଘମାଘୋଟ ଯୁଦ୍ଧ ହୋଇଥିଲା ଏବଂ ଯୁଦ୍ଧରେ ଗରୁଡ଼ ବିଜୟ ପ୍ରାପ୍ତ ହୋଇଥିଲେ ତେବେ ସମସ୍ତ ଦେବତାମାନେ ମିଶି ଏହାର ଆଶୁ ସମାଧାନ ଓ ଉପାୟ ନିମିତ୍ତ ଭଗବାନ ବିଷ୍ଣୁଙ୍କ କୃପା ପ୍ରାର୍ଥୀ ହୋଇଥିଲେ। ତେବେ ଯେଉଁ ସମୟରେ ଗରୁଡ଼ ଅମୃତ ନେଇ ପଳାୟନ କରିଥିଲେ ତା ମଧ୍ୟରୁ ଚାରି ବୁନ୍ଦା ପ୍ରୟାଗରାଜ, ହରିଦ୍ୱାର, ନାସିକ ଓ ଉଜ୍ଜୟିନୀରେ ପଡ଼ିଥିଲା। ତେଣୁ ପୃଥିବୀଲୋକରେ ଏହି ଅମୃତ ପଡ଼ିଥିବା ଚାରଟି ସ୍ଥାନ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ଭାବେ ପ୍ରତୀୟମାନ ହୋଇ ସେହିଠାରେ ପରବର୍ତ୍ତୀ ସମୟରେ କୁମ୍ଭମେଳା ଆୟୋଜିତ ହେଉଛି। ତେବେ ଗରୁଡ଼ କାହାଣୀର କଥା କିନ୍ତୁ ସରିନାହିଁ। ଭଗବାନ ବିଷ୍ଣୁ ଗରୁଡ଼ଙ୍କ ଉପରେ ପ୍ରହାର କରିବା ବେଳେ ଗୋଟିଏ କଥା ଲକ୍ଷ୍ୟ କରିଥିଲେ ଯେ ଗରୁଡ଼ ଅମୃତ କଳସ ଧାରଣ କରି ପଳାୟନ କରିଥିଲେ ମଧ୍ୟ ସେ କିନ୍ତୁ ଖୋଦ ଅମୃତକୁ ପାନ କରିନଥିଲେ। ଏହାର କାରଣ ଗରୁଡ଼ ସବିଶେଷ ଭାବେ ବିଷ୍ଣୁଙ୍କୁ କହିବା ପରେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ ଅମୃତ କଳସ ନେବା ପାଇଁ ଦିବ୍ୟ ଆଶୀର୍ବାଦ ଓ କୃପା ପ୍ରଦାନ କରିଥିଲେ। ତେବେ ତାଙ୍କର ସର୍ତ୍ତ ରହିଥିଲା ଯେ ଅମୃତକୁ ଯଥାର୍ଥ ଓ ସଠିକ ସ୍ଥାନରେ ପହଞ୍ଚାଇବା ପରେ ବିଷ୍ଣୁଙ୍କର ବାହାନ ଭାବେ ଗରୁଡ଼ ଦାୟିତ୍ୱ ନ୍ୟସ୍ତ ହେଲେ। ଗରୁଡ଼ ଏପରି ଆଜ୍ଞା ଶୁଣିବା ମାତ୍ରେ ତତକ୍ଷଣାତ ଆନନ୍ଦରେ ରାଜି ହୋଇଯାଇଥିଲେ। ସର୍ତ୍ତ ଅନୁଯାୟୀ ଗରୁଡ଼ ଅମୃତ କଳସ ଭୂମି ଉପରେ ସ୍ଥାପନ କରି ନିଜ ମାଆଙ୍କୁ ବନ୍ଦିନୀ ଜୀବନରୁ ମୁକ୍ତ କରାଇବାକୁ ସକ୍ଷମ ହୋଇଥିଲେ କିନ୍ତୁ କଦ୍ରୁ ଓ ତାଙ୍କ ଶହେ ପୁତ୍ର ଏହି ଅମୃତ ନିକଟରେ ଯୋଜନାବଦ୍ଧ ଭାବେ ପହଞ୍ଚି ପୂର୍ବରୁ ଭଗବାନ ବିଷ୍ଣୁ ମାୟା ଜାଲରେ ସେହି ଅମୃତ କୁମ୍ଭକୁ ଅଦୃଶ୍ୟ କରାଇ ଦେଇଥିଲେ। କୁମ୍ଭମେଳାର ଆଲୋଚନା ଓ ପ୍ରୟାଗରାଜର ବିଶ୍ୱ ପ୍ରସିଦ୍ଧ ଭବ୍ୟ କୁମ୍ଭରେ ବୁଡ଼ ଦେବା ସମୟରେ ଅନେକ ଶ୍ରଦ୍ଧାଳୁ ସେଠାରେ ଗରୁଡ଼ ପୁରାଣ ପାଠ କରନ୍ତି। ବିଶ୍ୱାସ ରହିଛି କୁମ୍ଭମେଳାରେ ଗରୁଡ଼ ପୁରାଣ ପାଠଦ୍ୱାରା ଜଣେ ମୋକ୍ଷ ପ୍ରାପ୍ତ ହେବା ସହ ତା ଜୀବନ ଦିବ୍ୟତାରେ ଭରିଯାଏ। ଭାରତୀୟ ପୁରାଣ ଓ ଆଧ୍ୟାତ୍ମିକ କଥାବସ୍ତୁ ଆମ ମାନଙ୍କୁ ଏହି ଶିକ୍ଷା ଦିଏ ଯେ ସତ କାର୍ଯ୍ୟରେ ଏବଂ ସଂସାରର ମଙ୍ଗଳ ସାଧନ ନିମିତ୍ତ ଯେଉଁ କାର୍ଯ୍ୟ କଲେ ମଧ୍ୟ ଭଗବାନଙ୍କ ଆଶୀର୍ବାଦ ମିଳିଥାଏ। ସମାଜ କଲ୍ୟାଣ ଓ ଜଗତ କଲ୍ୟାଣ ସହ ଲୋକ କଲ୍ୟାଣ ଦ୍ୱାରା ଏ ଜୀବନର ଅସଲ ମୋକ୍ଷ ଓ ମୁକ୍ତି ମିଳିଥାଏ ବୋଲି ଗରୁଡ଼ ପୁରାଣର ତାତ୍ତ୍ୱିକ ଆଲୋଚନା ଆମ ସମସ୍ତଙ୍କୁ ଏହି ଆଧ୍ୟାତ୍ମିକ ବାର୍ତ୍ତା ଦେଇଥାଏ।


ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ :୯୨୩୮୬୦୨୮୨୫
E-mail : trinath123ojha@gmail.com


# ପ୍ରେମ ଅମର, ଶାସ୍ୱତ : ସତ୍ୟ, ଶିବ, ସୁନ୍ଦର

**ଶ୍ରୀକାନ୍ତ କୁମାର ସାହୁ**

ଆପଣ ପ୍ରେମ କରିଛନ୍ତି ? ପ୍ରେମ, ଅର୍ଥାତ୍ କେଉଁ ପ୍ରକାର ପ୍ରେମକୁ ଆପଣ ବିଶ୍ୱାସ କରନ୍ତି ? ଏ ଜଗତ ଅଛି ତ ପ୍ରେମ ହିଁ ଅଛି। କାରଣ ପ୍ରେମର ଅନ୍ୟ ନାମ ଜୀବନ। ଜୀବନ ସଞ୍ଜିବନୀ ଯେତେବେଳେ ଅସ୍ତବ୍ୟସ୍ତ ହୋଇଯାଏ ଖାପ ଛଡ଼ା ଜୀବନକୁ ଏହି ପ୍ରେମ ହିଁ ଭରି ଦିଏ ଉଚ୍ଛ୍ୱାସ। ଆଉ ତୃପ୍ତିର ଗଭୀର ଆନନ୍ଦ। ପ୍ରେମ ଦେହଯୁକ୍ତ ଆଉ ଦେହାତୀତ ମଧ୍ୟ। ଭଗବାନଙ୍କୁ ଭକ୍ତ ପ୍ରେମ କରେ। ଛୁଆକୁ ମାଆ ପ୍ରେମ କରେ। ପତି-ପତ୍ନୀଙ୍କ ପ୍ରେମ ତ ସ୍ୱାଭାବିକ। ପ୍ରେମିକ ପ୍ରେମିକାଙ୍କ ପ୍ରେମ ହେଉ ବା ଭାଇ ଭଉଣୀଙ୍କ ପ୍ରେମ। ମାଲିକ ଚାକର ପ୍ରେମଙ୍କ ଠାରୁ ବସ ଆଉ ଅଧଃସ୍ତନଙ୍କ ପ୍ରେମ... ସବୁଠି ପ୍ରେମର ହିଁ ରାଜୁତି। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ପ୍ରେମର ଅନ୍ୟ ଦିଗଟି ହେଉଛି ପ୍ରତାରଣା। ମରିଚିକା ଆଉ ଗଭୀର ଦୁଃଖର ନିରାନନ୍ଦର ମରୁ ପାଷାଣ। ଜୀବନ ଯେଉଁଠି ଝଡ଼ ପ୍ରେମ ସେଇଠି ଅଙ୍କାବଙ୍କା ଜୀବନ ନାନ୍ଦନିକ ମୁହୂର୍ତ୍ତର ପ୍ରାଣ। ପ୍ରେମ ଟିକକ ପାଇଁ ଯୁଦ୍ଧର ଦୁନ୍ଦୁଭି ବାଜିଛି। ପ୍ରେମ ଟିକକ ପାଇଁ ଅକାଳରେ ଜୀବନ ନିର୍ବାପିତ ହୋଇଯାଉଛି। ପ୍ରେମ କାହାଙ୍କ ପାଇଁ ଆନନ୍ଦ ତ କାହାଙ୍କ ପାଇଁ ବିଷାଦ।

ପ୍ରେମକୁ ନେଇ ଅନେକ ଗପ, ଅନେକ କଥା, ଅନେକ ଅଙ୍କାବଙ୍କା ଗାରର ଆଲେଖ୍ୟ ଆଉ ମନ ମିଳନର ଟିପା ଖାତା। ଜୀବନରେ ପ୍ରେମ ସମସ୍ତଙ୍କର ତ ଅନୁଭୂତି ନିଶ୍ଚିନ୍ତ ରହିଥିବ। ହେଲେ ମୋ ଆଲୋଚନାର, ମୋ ଅନୁଭବର ପ୍ରେମ କିନ୍ତୁ ସମ୍ପୂର୍ଣ୍ଣ ଅଲଗା ସତେ ଯେପରି ଏ ଦୁନିଆର ଏକ ଛିଣ୍ଡା କାଗଜର ରୁମାଲ ପରି। ପ୍ରେମ ଥିଲା, ମନ ବି ମିଶିଥିଲା, ବିଶ୍ୱାସରେ ଜୀବନକୁ ନୂଆ ଭାବନାର ସହିତ ଆଗେଇ ନେବା ପାଇଁ ସ୍ୱପ୍ନ ଥିଲା ଆଉ ପ୍ରସ୍ତୁତି ବି ଆରମ୍ଭ ହୋଇଥିଲା। କିନ୍ତୁ ଅପରପକ୍ଷର ପ୍ରେମର ପରିଭାଷା ଥିଲା ଅତ୍ୟନ୍ତ କଷ୍ଟକର ଅତ୍ୟନ୍ତ ବେପଥୁ। ପାଇବାର ଟିକିଏ ପୂର୍ବରୁ ଝରି ପଡ଼ିଲା ପ୍ରେମର ଗଭୀର ବିଶ୍ୱାସଟି। ସତେ ଅଯୋଗ୍ୟତା, ଅପରାଗତା ହୁଏତ ମନିପର୍ସର ପତଳା ଚେହେରା ଆମ ପ୍ରେମର ବଡ଼ ଦସ୍ତାବିଜ ହୋଇପାରିନଥିଲା। ଛଳନା କରି ନାରୀଲୋଭୀ ନଥିବା ମଣିଷଟିକୁ ବୁଝି ହିଁ ପାରିଲାନି ସେଇ ପ୍ରେମ ପକ୍ଷୀଟି। ଅନେକ ସମୟରେ ଶୂନ୍ୟକୁ ଚାହିଁ ପ୍ରଶ୍ନଟି ସେହି ଜଗତ ଗଢ଼ିଥିବା ଲୋକଟିକୁ ପଚାରେ.... ଯଦି ପାଇବାର ନଥିଲା ତାହାହେଲେ ଦେବାର ଆଶା କାହିଁକି ବା ଭରିଦେଲ କିଛି କ୍ଷଣ ପାଇଁ ମୋ ଭିତରେ ? ଜୀବନର ଚିହ୍ନିବା ମୁହୂର୍ତ୍ତ ଭିତରେ ଭଲ ଭାବେ ପାଦରେ କଷ୍ଟକର ସମୟ ଆଉ ସମାଜକୁ ଚାଲି ଏକ ଯୁଗଳ ଜୀବନ ପାଇଁ ଯେଉଁ ପ୍ରାପ୍ତିର ସମ୍ଭାବନା ଥିଲା ତାହା ଯେ ଥିଲା ମରିଚିକା ବୁଝିଲାବେଳକୁ ବହୁତ ଡେ଼ରି ହୋଇଯାଇଥିଲା ମୋ ପାଇଁ। ହେଲେ ଅପରପକ୍ଷର ଜୀବନ କିନ୍ତୁ ଆରମ୍ଭ ହୋଇଥିଲା ଅନ୍ୟ ଜଣଙ୍କ ସହ ହୁଏତ ସେ ହାତ ଧରିଲା ପର ଜଣେ ମଣିଷ ଏବଂ ତାଙ୍କ ଜୀବନର ପରବର୍ତ୍ତୀ ପ୍ରେମିକ। ଆଶ୍ଚର୍ଯ୍ୟ ହୁଏ ଏବଂ ମୁଁ ଫୋପାଡ଼ି ଥିବା ପ୍ରଶ୍ନର ଉତ୍ତର ଏ ଯାଏ ବି ପାଇ ନାହିଁ... ମୁଁ ଜାଣିଛି ମୋ ପ୍ରଶ୍ନର ଉତ୍ତର କାହା ପାଖରେ ବି ନାହିଁ। ଫେବୃଆରୀ ଚଉଦରେ ପାଳନ କରାଯାଏ ଭାଲେଣ୍ଟାଇନ୍ସ ଡେ। ପ୍ରେମ ପ୍ରଣୟର ଦିବସ ଭାବେ ପାଳନ କରାଯାଉଥିବାରୁ ଏହାକୁ ନେଇ ଆମ ଦେଶରେ ଆଇନ-ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହି ଦିନ ପାଳନ ବାହାନାରେ କିଛି ଯୁବକ-ଯୁବତୀ ଲଜ୍ଜାହୀନ ଭାବେ ସର୍ବସାଧାରଣରେ ପ୍ରଣୟଲିପ୍ତ ହେଉଥିବାରୁ, ଏହାକୁ ବିରୋଧ କରାଯାଉଛି।

ପରିଣାମ ସ୍ୱରୂପ ବେଳେ ବେଳେ ପୁଲିସର ହସ୍ତକ୍ଷେପ ଲୋଡ଼ାପଡୁଛି। ଏହି ଦିନ ସେଣ୍ଟ ଭାଲେଣ୍ଟାଇନଙ୍କୁ ଉତ୍ସର୍ଜିତ। ଏହି ଦିନରେ ସେଣ୍ଟ ଭାଲେଣ୍ଟାଇନସ୍ ଧର୍ମରକ୍ଷା ପାଇଁ ପ୍ରାଣ ହରାଇଥିବାର ଉଲ୍ଲେଖ ଅଛି। କିମ୍ବଦନ୍ତୀ ତଥା ଇତିହାସରେ ଏକାଧିକ ସେଣ୍ଟ ଭାଲେଣ୍ଟାଇନସ୍ଙ୍କ ଉଲ୍ଲେଖ ଥିବାରୁ ପ୍ରକୃତରେ କେଉଁ ସନ୍ଥଙ୍କ ପାଇଁ ଏହାର ପାଳନ ଆରମ୍ଭ ହୋଇଥିଲା ନିର୍ଦ୍ଧିଷ୍ଟ ଭାବେ ଜଣାଯାଏନାହିଁ। ରୋମାନ୍ ସମ୍ରାଟ ଦ୍ୱିତୀୟ କ୍ଲଡିୟସ୍ ସୈନିକଙ୍କ ବିବାହ ନିଷିଦ୍ଧ କରିଥିଲେ। ଆଉ ଜନଶ୍ରୁତି ଅନୁଯାୟୀ ସେମାନଙ୍କର ବିବାହ କରାଇ ସମ୍ରାଟଙ୍କ କ୍ରୋଧର ଶିକାର ହୋଇଥିଲେ ସେଣ୍ଟ ଭାଲେଣ୍ଟାଇନ। ତାଙ୍କୁ ବନ୍ଦୀ କରାଯାଇଥିଲା। ନିଜର ଅଲୌକିକ ଶକ୍ତି ବଳରେ ଏହି ସେଣ୍ଟ ଭାଲେଣ୍ଟାଇନ, ବନ୍ଦିଶାଳାର ମୁଖ୍ୟ ଅଷ୍ଟେରିୟସ୍ଙ୍କ ଅନ୍ଧୁଣୀ କନ୍ୟା ଜୁଲିୟାଙ୍କ ଦୃଷ୍ଟି ଶକ୍ତି ଫେରାଇ ଆଣିଥିଲେ। ବିସ୍ମିତ ଅଷ୍ଟେରିୟସ୍ଙ୍କ ପରିବାରର ସମସ୍ତ ସଦସ୍ୟ ଏବଂ କିଛି କାରାଗାର ରକ୍ଷୀ, ତାଙ୍କ ଦ୍ୱାରା ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଥିଲେ। ତେବେ ସମ୍ରାଟ ପ୍ରଭାବିତ ହୋଇ ନଥିଲେ ଏବଂ ତାଙ୍କ ନିର୍ଦ୍ଦେଶରେ ସେଣ୍ଟ ଭାଲେଣ୍ଟାଇନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ମୃତ୍ୟୁ ପୂର୍ବରୁ ସେ ଜୁଲିୟାଙ୍କୁ ପତ୍ରଟିଏ ଲେଖିଥିବା ମଧ୍ୟ ଜନଶ୍ରୁତି କହେ। ସେଥିରେ ଲେଖାଥିଲା ଇତି ତୁମର ଭାଲେଣ୍ଟାଇନ। ଭାଲେଣ୍ଟାଇନ ପ୍ରେମ ନା ଶ୍ରଦ୍ଧା ଯୋଗୁଁ ଏହା ଲେଖିଥିଲେ ଅଜଣା। ବ୍ରିଟିସ କବି ଜିଓଫ୍ରେ ଚସର ପାର୍ଲିଆମେଣ୍ଟ ଅଫ ଫାଉଲ୍ସ କବିତାରେ ପ୍ରଥମେ ସେଣ୍ଟ ଭାଲେଣ୍ଟାଇନ ନାମ ଉଲ୍ଲେଖ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ମଧ୍ୟ ଯୁଗରେ ଫ୍ରାନସ ଓ ବ୍ରିଟେନରେ ଫେବୃଆରୀ ୧୪କୁ ପକ୍ଷୀଙ୍କ ମିଳନ ଦିନର ଆରମ୍ଭ ଭାବେ ଗ୍ରହଣ କରାଯାଇଥିଲା। ତେଣୁ ଚସର କବିତାଟି ଲେଖିଥାଇପାରନ୍ତି। ପୋପ ଜିଲାସିଅସ୍ ଫେବୃଆରୀ ୧୪କୁ ସେଣ୍ଟ ଭାଲେଣ୍ଟାଇନସଙ୍କ ଦିବସ ଘୋଷିତ କରିଥିଲେ। ତେବେ, ଏହା କେବେ ପ୍ରଣୟ ଦିବସରେ ପରିଣତ ହୋଇଥିଲା କେହି ଜାଣନ୍ତିନାହିଁ।

ପ୍ରେମ ଅମର, ପ୍ରେମ ଶାସ୍ୱତ, ପ୍ରେମ ଚିରନ୍ତନ। ସ୍ୱୟଂ ପ୍ରେମ ହେଉଛି ସତ୍ୟ, ଶିବ, ସୁନ୍ଦର ତଥାପି ମରୁଭୂମିର ତତଲା ବାଲି ପରି ଅନେକ କ୍ଷେତ୍ରରେ ପ୍ରେମର ଉତ୍କଟତା ହଳାହଳ ବିଷ ପାଲଟି ଯାଉଛି କେତେକଙ୍କ ପାଇଁ। ସମସ୍ତଙ୍କ ଭିତରେ ପ୍ରେମ ରହୁ, ପ୍ରେମ ସତ୍ୟ ହେଉ, ପ୍ରେମ ସ୍ୱଚ୍ଛ ହେଉ, ପ୍ରେମ ନିଃସ୍ୱାର୍ଥପର ଆଉ ସେବାର ଉତ୍ସର୍ଗୀକୃତ ବଳୀଦାନର ଅନ୍ୟନାମ ହୋଇପାରିଲେ ଭାଲେଣ୍ଟାଇନ ଦିବସର ଅସଲ ପ୍ରେମର ଯଥାର୍ଥକୁ ଆମେ ଅନୁଭବ କରିପାରିବା ଏବଂ ପ୍ରେମ ପାଇଁ ଭଗବାନଙ୍କ ପାଖରେ କୃତଜ୍ଞ ରହିପାରିବା।


ବିଡ଼ାନାସୀ, ନୂଆସାହି, କଟକ, ଦୂରଭାଷ ୭୦୦୮୩୨୫୭୩୧

## ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ
# ଶିକ୍ଷା ମଣିଷକୁ ସଠିକ୍ ମାର୍ଗ ଦେଖାଇବା ସହିତ ବ୍ୟକ୍ତିତ୍ୱର ବିକାଶ କରିଥାଏ: ମହାମହିମ ରାଜ୍ୟପାଳ

ପାରାଦୀପ(ମହାଭାରତ): ଶିକ୍ଷା ମଣିଷକୁ ସଠିକ୍ ମାର୍ଗ ଦେଖାଇଥାଏ । ଜଣେ ବ୍ୟକ୍ତି ଶିକ୍ଷା ଲାଭ କରିବା ପରେ ତାର ବ୍ୟକ୍ତିତ୍ୱରେ ବିକାଶ ହୋଇଥାଏ ବୋଲି ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଓଡିଶାର ମହାମହିମ ରାଜ୍ୟପାଳ କେ. ହରିବାବୁ କମ୍ଭମପତି । ଶିକ୍ଷା ହେଉଛି ସେହି ମୂଳଦୁଆ ଯାହା ଉପରେ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ରର ନିର୍ମାଣ ହୋଇଥାଏ । ଯୁବସମାଜ ସଠିକ୍ ଶିକ୍ଷା କୌଶଳ ଏବଂ ବୈଷୟିକ ଶିକ୍ଷା ସହିତ ସଜ୍ଜିତ ହେଲେ ବିକଶିତ ଓଡିଶା ଏବଂ ବିକଶିତ ଭାରତର ପରିକଳ୍ପନା ସାକାର ହେବ ବୋଲି ମହାମହିମ ରାଜ୍ୟପାଳ ବକ୍ତବ୍ୟରେ କହିଥିଲେ । ଶୁକ୍ରବାର ଦିନ ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା । ଏହି ଉଦଘାଟନୀ ସମାରୋହରେ ନିମନ୍ତ୍ରୀତ ଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ, ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଜେ. ସୋନାଲ, ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଅଧ୍ୟକ୍ଷ



ପି.ଏଲ୍.ହରନାଦ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସସ୍ମିତା ଶତପଥୀ । ଏହି ଅବସରରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ ମହାବିଦ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣର ଶିଳାନ୍ୟାସ କରିଥିଲେ । ଉଦଘାଟନୀ ସମାରୋହ ପରେ ଇଣ୍ଡିଆନ୍ ଆଇଡଲ୍‌ର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପବନଦୀପ ଓ ଅରୁଣୀତା ଲାଇଭ୍ ବ୍ୟାଣ୍ଡ ପରିବେଷଣ କରିଥିଲେ । ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସମେତ ପୁରାତନ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଶନିବାର ଦିନ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ, ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଡ. ରମାକାନ୍ତ ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଯୋଗ ଦେବାକୁ ଥିବା ବେଳେ ଓଲିଉଡ୍ କଣ୍ଠଶିଳ୍ପୀ ସତ୍ୟଜିତ୍ ଏବଂ ସଂଜୁ ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିବେ ଓ ରବିବାର ଦିନ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ, ଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ ରଂଜିତ କୁମାର ପ୍ରଧାନଙ୍କ ସମେତ ପାରାଦୀପର ବିଭିନ୍ନ ଶିକ୍ଷସଂସ୍ଥାର ମୁଖ୍ୟମାନେ ଯୋଗ ଦେବା ସହିତ ଓଲିଉଡ୍ କଣ୍ଠଶିଳ୍ପୀ ଦିପ୍ତିରେଖା ସଙ୍ଗୀତ ପରିବେଶଣ କରିବାର କାର୍ଯ୍ୟକ୍ରମ ରହିଛି ।

## ସାଧାରଣ କନେଷ୍ଟବଳ ରୁ ସାହେବ ପଦବୀ ପାଇଲେ ବିକାଶ



ହାଟଡିହି ବ୍ଲକ ର ବଣ୍ଟୋ ଗ୍ରାମ ର ସାଧାରଣ ପରିବାରରୁ ଯାଇ ଦେଶ ମାତୃକା ପାଇଁ ସି ଆ ଆରପିଏଫ ରେ ଯୋଗ ଦେଇଥିଲେ। କିଛି ଦିନ ପୂର୍ବରୁ ହାବିଲଦାର ଭାବେ ପଦ ଉର୍ନ୍ତତି ପାଇବା ପରେ ଶୁକ୍ରବାର ଦିନ ସିଆ ର ପି ଏ ଫ୍ କାର୍ଯ୍ୟାଳୟ ରେ ତାଙ୍କୁ ଅତିରିକ୍ତ ସବ୍‌ଇନସିପେକ୍ଟର ଭାବେ ପଦ ଉନ୍ନତି ମିଳିବା ପରେ ବଣ୍ଟୋ ଗ୍ରାମ ବାସୀ ଙ୍କ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି। ବାପା ଲକ୍ଷ୍ମଣ ଧଳ ବୟସ ଧିକ କାରଣ ରୁ ମୃତ୍ୟୁ ବରଣ କରିଥିଲେ ସୁଦ୍ଧା ମାଆ ଏବେ ପୁଅର ଏହି ପଦବୀ ପାଇଁ ବେଶ୍ ଖୁସି ହୋଇଛନ୍ତି। ଏହି ସେବା କାର୍ଯ୍ୟରେ ଉତମ ପ୍ରଦର୍ଶନ ପାଇଁ ସରପଂଚ ପ୍ରଶାନ୍ତ କୁମାର ରାଉତ, ପୂର୍ବତନ ସରପ□ ସାସଙ୍କ ଶେଖର ପୁହାଣ, ସଭ୍ୟ ରତିକାନ୍ତ ରାଉତ, ଓ ଗ୍ରାମ ବାସୀ ମାନେ ବିକାଶ ଙ୍କୁ ଶୁଭେଛା ର ସୁଅ ଛୁଟାଇ ଛନ୍ତି। ଯାହାକି ଏହି ପଦବୀ ରେ ପହଞ୍ଚାଇବା ପାଇଁ ତାଙ୍କୁ ତାଙ୍କ ମାଆ ଓ ବାପା ଙ୍କ ପ୍ରେରଣା ଓ ଗ୍ରାମ ବାସୀ ଙ୍କ ଭଲ ପାଇବା ପହଞ୍ଚାଇ ପାରିଛି ବୋଲି ବିକାଶ କହିଛନ୍ତି।

## ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ଭବ୍ୟ ସ୍ୱାଗତ



ପାରାଦୀପ(ମହାଭାରତ): ଶୁକ୍ରବାର ଦିନ ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେବାକୁ ପାରାଦୀପ ଆସିଥିଲେ ବାସୁଦେବପୁର ବିଧାନସଭା କ୍ଷେତ୍ରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ମାନ୍ୟବର ବିଧାୟକ ଶ୍ରୀ ଦାସ ପାରାଦୀପରେ ପହଂଚିବା ପରେ ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳ, ସରୋଜ ପ୍ରଧାନ, ଜଗନ୍ନାଥ ଶତପଥି, ବିଜୟ ସେଠୀ, କୃପାସିନ୍ଧୁ ଦାସ ପ୍ରମୁଖ ଯୋଗ ଦେଇ ଶ୍ରୀ ଦାସଙ୍କୁ ସ୍ୱାଗତ କରିବା ସହିତ ପାରାଦୀପ ସମେତ ପାରାଦୀପ ମହାବିଦ୍ୟାଳୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ପାରାଦୀପ ବନ୍ଦର ଏବଂ ପାରାଦୀପ ମହାବିଦ୍ୟାଳୟ ପ୍ରତିଷ୍ଠାରେ ପ୍ରମୁଖ ବ୍ୟକ୍ତିମାନଙ୍କ ଅବଦାନ ସମ୍ପର୍କରେ ଶ୍ରୀ ଦାସ ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ସ୍ୱୟଂ ସହାୟକ ଗୋଷ୍ଠୀକୁ ଖଜୁରୀ ଗୁଡ ତାଲିମ ଶିବିର

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଆର ଉଦୟଗିରି ବ୍ଲକ ଅନ୍ତର୍ଗତ ରୁମୁଣ୍ଡା ଗ୍ରାମ କୋଠାଗୃହ ଠାରେ ୦୫/୦୨/୨୦୨୫ ତାରିଖରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କୁ ତଥା ଚାଷୀଙ୍କୁ ଖରୁରୀଗୁଡ ପ୍ରକ୍ରିୟାକରଣ, ନେତୃର ବିକାଶ, ଆର୍ଥିକ ସ୍ଥାୟୀର ପରିବର୍ତନ, ଆର୍ଥିକ ସାକ୍ଷରତା ଓ ବଜାରୀକରଣ ବ୍ୟବସ୍ଥା ବିଷୟରେ ତାଲିମ ଦିଆ ଯାଇଥିଲା । ଏହି ତାଲିମ ଶିବିରର ଉଦ୍ଘାଟନ କାର୍ଯ୍ୟକ୍ରମରେ ଆର. କେ. ଏସ. ଏସ. ସ୍ୱେଛାସେବୀ ଅନୁଷ୍ଠାନ ପକ୍ଷରୁ ନାବାର୍ଡ ସଂସ୍ଥା, ଗଜପତି ସହାୟତାରେ ୧୨ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୬ ମହିଳା ଚାଷୀଙ୍କୁ ଏକ ଦିନିଆ ହେଇଥିବା ସଭ୍ୟା/ଚାଷୀଙ୍କୁ ତାଲିମ ଶିବିର ଦିଆଯାଇଥିଲା । ଏହି ତାଲିମ ଶିବିର ର ଦ୍ୱିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଡ଼ି. ଡ଼ି. ଏମ, ନାବାର୍ଡ, ପ୍ରତୀକ ପଣ୍ଡା, ଶ୍ରୀ ମୋନଜ କୁମାର ସାବତ, ଡ଼ି ଏଲ ଟି, ତାଲିମ ଦାତା, ସି ଆର ପି, ପ୍ରେମଲତା ମଣ୍ଡଳ ଖଜୁରୀଗୁଡର ସମ୍ପାଦକ ପ୍ରଫୁଲ୍ଲ ରଇତ ଉପସ୍ଥିତ ଥିଲେ। ଆର. କେ. ଏସ. ଏସ ଅନୁଷ୍ଠାନର ସଂଯୋଜକ ଶ୍ରୀ ତରୁଣ କୁମାର ନାୟକ ଉପସ୍ଥିତ ରହି ଏହି ତାଲିମ କାର୍ଯ୍ୟକ୍ରମର ଉଦେଶ୍ୟ ବୁଝାଇ ଥିଲେ। ଉକ୍ତ ଶିବିରରେ ମୁଖ୍ୟତ ମହିଳା ସଶକ୍ତିକରଣ, ଦଳ ପରିଚାଳନା, ଦଳର ଦଶାସ୍ମୃତି କାର୍ଯ୍ୟକ୍ରମ, ଖାତାପତ୍ର ଲେଖିବା, ଋଣ ଆଦାନ ପ୍ରଦାନ, ସୁଧର ହିସାବ ଓ ସରକାରଙ୍କ ବିଭିନ୍ନ ବିଭାଗ ସହ ସମାନ୍ୱୟ ରକ୍ଷା କରି ଦଳ ଦ୍ୱାରା ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଯଥା- କୃଷି ଭିତିକ, ଉଦ୍ୟାନ ଭିତିକ ଓ ନାବାର୍ଡ ଏବଂ କେ. ସି. ସି ଋଣର ଅଭିଯାନ ରେ ବିଭିଉ ପ୍ରକାର ଯଥା :- ମହିଳା ମାନଙ୍କୁ ଛତୁଚାଷ, କୁକୁଡା ପାଳନ, ଧୂପକାଠି ତିଆରି ଓ ସିଲାଇ ପ୍ରବୃତି ତାଲିମ ନେଇ ନିଜେ କିପରି ରୋଜଗାର କରି ପାରିବେ, ଆର୍ଥିକ ସ୍କ୍ଷରତା ସହ ବିଭିଉ ପ୍ରକାର ବୀମା ଯଥା :- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ପ୍ରଧାନମନ୍ତ୍ରୀ ଜୀବନଜ୍ୟାତି ବୀମା, ଅଟଳ ପେନସନ, ଫସଲ ବୀମା, ନିର୍ମାଣ ଶ୍ରମିକ ପଞ୍ଜୀକରଣ, ଫ୍ରେଡ ମୋବାଇଲକୁ ଫୋନ କରି ଟଙ୍କା ପଇସା ବ୍ୟାଙ୍କ ଖାତା ମାଧମରେ ଟଙ୍କାକୁ ଉଠାଇଦେବା, ଇଞ୍ଜଗ କାର୍ଡ ବ୍ୟବହାର, ସୁଭଦ୍ରା ଯୋଜନା ପଞ୍ଜୀକରଣ ଓ ବ୍ୟାଙ୍କ ତରଫରୁ ଦଳକୁ ଆର୍ଥିକ ସହାୟତା ସଂପର୍କରେ ବୁଝା ଯାଇଥିଲା। ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଆଜିର ତାଲିମ ଶିବିରର ଲକ୍ଷ ଓ ଉଦେଶ୍ୟ ବୁଝାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଶ୍ରୀ ତରୁଣ କୁମାର ନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ଜୀବିକା ମିଶନ, ସି. ଆର. ପି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନ ପରିବାରକୁ ଜ୍ୟୋତି ମହିଳା ସମିତି ପକ୍ଷରୁ ସହାୟତା ପଦାନ



ପାରାଦୀପ(ମହାଭାରତ): ପାରାଦୀପ ବଡପଡିଆ ମାର୍କେଟ୍ ପଛପଟ ବସ୍ତିରେ ଘଟି ଯାଇଥିବା ଅଗ୍ନିକାଣ୍ଡ ପିଡୀତଙ୍କୁ ସହାୟତାର ହାତ ବଢାଇଛନ୍ତି ବଡପଡିଆର ସର୍ବପୁରାତନ ମହିଳା ସମିତି ଜ୍ୟୋତି ମହିଳା ସମିତିର ସଦସ୍ୟାମାନେ । ଶୁକ୍ରବାର ଦିନ ଅପରାହ୍ନରେ ମହିଳା ସମିତିର ସଭାନେତ୍ରୀ ପୁଷ୍ପାଂଜଳୀ ମିଶ୍ର, ସମ୍ପାଦିକା ଲିପିକା ସାହୁ, ହରପ୍ରିୟା ସାହୁ, ଅନସୂୟା ସ୍ୱାଇଁ, ବନିତା ରାଉତ,ସୀତା ରଣା, ତୁଳସୀ ମିର୍ଦ୍ଧା, ମାନସୀ ସାହୁ ପ୍ରମୁଖ ସେଠାରେ ପହଂଚିଥିଲେ । ସ୍ଥାନୀୟ ପାରିଷଦ ସୌଦାମିନୀ ସାହୁ, ଯୁବ ସଙ୍ଗଠକ ଗୋଲେଖ ସାହୁଙ୍କ ଉପସ୍ଥିତିରେ ଅଗ୍ନି ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଶାଢୀ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଥିଲେ । ମହିଳା ସମିତିର ଏହି ସାହାଯ୍ୟକୁ ପିଡୀତ ପରିବାର ଏବଂ ସ୍ଥାନୀୟ ଲୋକମାନେ ଉଚ୍ଚପ୍ରଶଂସା କରିଥିଲେ ।

## ରେସନ ଚାଉଳ ଓ ୩୧ଶହ ଭତ୍ତା ଅପେକ୍ଷାରେ ଭିନ୍ନକ୍ଷମ

ଗଜପତି(ମହାଭାରତ): ଗତ ୨୪ ବର୍ଷ ସରକାର ମଧ୍ୟରେ ଭିନ୍ନକ୍ଷମଙ୍କ ପାଇଁ କାହିଁ କେତେ ଯୋଜନା କରିଛନ୍ତି। ହେଲେ ବାସ୍ତବରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଜନାରୁ ବଞ୍ଚିତ ଭିଉକ୍ଷମ । ଗଜପତି ଜିଲ୍ଲା ଗୁମା ବ୍ଲକ୍ ଅଧୀନ ରେ ଥିବା କେକେସିଂ ଗାଁର ତୁସିନିକା ମିସାଲ୍ ବୟସ (୩୬) ୨୬ବର୍ଷ ହେବ ଭିନ୍ନକ୍ଷମ ଭାବେ ଜୀବନ ବିତାଉଛନ୍ତି ।ତାଙ୍କୁ ଯଦି ଆମେ ଦେଖିବା ଦୁଇ ରୁ ତିନି ବର୍ଷର ଝିଅ ପରି ଦେଖାଯାଆନ୍ତି। ସେ କଥା କହିପାରନ୍ତି ନାହିଁ କି । ଏ ସମାଜ ରେ କଣ ହେଉଚି କଣ ନାହିଁ ଭଲ ମନ୍ଦ ସେ ଜାଣିପାରୁ ନାହାନ୍ତି। ପରିବାର କହିଲେ ବିଧବା ମା ଦୁଇ ଭଉଣୀ ଗୋଟିଏ ଭାଇ।

ମାଁ ସକାଳୁ ଉଠି କାଜୁ ଫେକଟ୍ରି ଗଲେ ଚୁଲି ଜଳେ ନ ହେଲେ ଭୋକ ଉପାସରେ ଦିନ କାଟୁଛନ୍ତି ପରିବାର। ଘର ର ପରିସ୍ଥିତି ଦେଖି ସାନ ଭଉଣୀ ମନ୍ ମନ୍ ମିଶାଲ୍ ବୟସ ୨୨ ସେ ମଧ ପାଠପଢ଼ା ଛାଡି କାଜୁ ଫେକଟ୍ରି ରେ କାମ କରୁଛି । ସେ ମଧ ଭାବିଥିଲେ ଭଲ ପାଠ ପଢିବେ ଭଲ ମଣିଷ ଟିଏ ହେବ । ମାତ୍ର ସମୟ ଓ ଘରର ଦୁଃଖ ପରିସ୍ଥିତି ହାତରେ କଲମ ଛଡ଼ାଇ ହାତରେ ଧରେଇ ଦେଲା କାଜୁ ବସ୍ତା ଅନ୍ୟପଟେ ବିଧବା ମା ରେସନ ଚାଉଳ ,ଓ ଭିଉ କ୍ଷମ ପ୍ରମାଣପତ୍ର ର ରିନୁୱିଲ୍ ପାଇଁ ସେ ପଞ୍ଚାୟତରୁ ବ୍ଲକ୍ କାର୍ଯ୍ୟାଳୟକୁ ବାରମ୍ୱାର ଦୌଡୁଥିଲେ ମଧ ତାଙ୍କ ଦୁଃଖ କେହି ଶୁଣୁନାହାଁନ୍ତି । ସରକାର ଯେତେ ଯୋଜନା କଲେ ମଧ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ ଭିନ୍ନକ୍ଷମ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି । ତେଣୁ ପରିବାର ଓ ସାହି ବାସିନ୍ଦା ଦାବି କରିଛନ୍ତି। ନୂଆ ସରକାର ଙ୍କୁ ଗୁହାରି କରିଛନ୍ତି। ଦାୟି ରେ ଥିବା ଅଧିକାରୀ ତୁସିନିକା ର ଘରକୁ ଆସି ତାର ଆଧାର ସହ ରେସନ୍ କାର୍ଡ୍ ସଂଯୋଗ ଓ ଭିନ୍ନକ୍ଷମ ପ୍ରମାଣପତ୍ର ର ରିନୁଆଲ୍ କରି ଯଦି କରି ତାଙ୍କୁ ରେସନ ଚାଉଳ ଓ ନୂଆ ସରକାର ର ଙ୍କ ଭିନ୍ନକ୍ଷମ ଭତ୍ତା ରେ ୩୫୦୦ ମିଳନ୍ତା। ତେବେ ଗରିବ ପରିବାର ଉପକୃତ ହୋଇପାରନ୍ତି ବୋଲି କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ରେଙ୍ଗାଲି(ମହାଭାରତ): ସମ୍ବଲପୁର-ରାଉରକେଲା ୧୦ ନମ୍ବର ରାଜ୍ୟ ରାଜପଥର କିଲାସମା ପାଖରେ ଆଜି ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇ ସଂଜ୍ଞାହୀନ ଅବସ୍ଥାରେ ରାସ୍ତାରେ ପଡିଥିଲା। ସେହି ରାସ୍ତାରେ ଯାଉଥିବା ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଏହା ଦେଖି ତାଙ୍କ କାର୍ ଅଟକାଇଥିଲେ। ଏହାପରେ ଗୁରୁତର ଆହତ ଯୁବକକୁ ସେଠାରୁ ଉଦ୍ଧାର ପରେ ତାଙ୍କ ନିଜ କାରରେ ବୁର୍ଲା ଡାକ୍ତରଖାନାକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥାରେ ଏବେ ଉନ୍ନତି ଆସିଥିବା ଜଣାପଡିଛି। ବିଧାୟକଙ୍କ ଏହି କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଇଛି।ବିଧାୟକ ଶ୍ରୀ ହରିପାଲ ଆଜି ରେଙ୍ଗାଲି ବ୍ଲକର ଲଇଡା ସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେବା ପାଇଁ ଯାଉଥିଲେୟ ଉତ୍ସବରେ ଯୋଗ ଦେବା ଅପେକ୍ଷା ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ଯୁବକର ଜୀବନ ରକ୍ଷା ପ୍ରଥମ କର୍ତ୍ତବ୍ୟ ଓ ଅତି ଜରୁରୀ ଭାବି ଉକ୍ତ କାର୍ଯ୍ୟକ୍ରମକୁ ବାତିଲ୍ କରିଥିଲେ। ଏହାପରେ ଗୁରୁତର ଆହତ ଯୁବକକୁ ନିଜ ଗାଡିରେ ନେଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ କରାଇଥିଲେ। ଆହତ ଯୁବକ ଜଣକ ରେଙ୍ଗାଲି ଝୁରିପଡାର ଅନିଲ ମୁଣ୍ଡା ବୋଲି ଜଣାପଡିଛି। ଏବେ ଅନିଲର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଥିବା ତାଙ୍କୁ ଚିକିତ୍ସିତ କରୁଥିବା ଡାକ୍ତର ପ୍ରକାଶ କରିଛନ୍ତି।

## ସରସ୍ୱତୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ର କକ୍ଷରନ୍ଧା ପଂଚାୟତ କକ୍ଷରନ୍ଧା(କେଳାଟାଙ୍ଗର) ସାହିରେ ଚଳିତ ବର୍ଷ ସରସ୍ୱତୀ ପୂଜା ଉପଲକ୍ଷେ ପୂଜା କମିଟିର ସଦସ୍ୟ ମାନଙ୍କ ଦ୍ୱାରା ୩ୟ ବର୍ଷ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମର ୧ମ ଶ୍ରେଣୀରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୩ଜଣ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ।ତେବେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଗ୍ରାମ ତଥା ଗ୍ରାମ ଆଖପାଖ ଅ□ଳରୁ ଶହ ଶହ ସଂଖ୍ୟାକ ଜନସମଗମ ହୋଇଥିଲାୟ ଛୋଟ ଛୋଟ ପିଲା ମାନଙ୍କର ନୃତ୍ୟକୁ ଦେଖି ଉପସ୍ଥିତ ଗ୍ରାମବାସୀ ମାନେ ଭୁୟସୀ ପ୍ରଶଂସା କରିବାସହ ପୂଜା କମିଟିକୁ ଉଚ୍ଚ ପ୍ରଶଂସା କରିଥିଲେ।ପୂଜା କମିଟିର ଏଭଳି ନିଆରା ପ୍ରୟାସ ପିଲା ମାନଙ୍କୁ ଆଗାମୀ ଦିନରେ ସଫଳତାର ଶୀର୍ଷରେ ପହଂଚାଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

## ମାଟି କାୟ ସାଙ୍ଗକୁ ମୁଣ୍ଡଉପରେ ଜରିପାଲ
# ସରକାରୀ ସହାୟତା ଅପେକ୍ଷାରେ ରବିଙ୍କ ପରିବାର

ଦାନଗଦି: (ମହାଭାରତ) କଳିଙ୍ଗନଗର ଶିଳ୍ପ ନଗରୀରେ କରୁଣ ଚିତ୍ର , ଜରିପାଲ ତଳେ ବିତୁଛି ରବିପାତ୍ର ପରିବାର ଙ୍କ ଜୀବିକା ଓ ଜୀବନ,ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ ପଞ୍ଚାୟତ ମାନୋଗୋବିନ୍ଦ ପୁର ଗ୍ରାମର ରବିପାତ୍ର ଙ୍କ ଅଭାବୀ ପରିବାର ସହାୟତା ଅପେକ୍ଷାରେ ।ପରିବାର କହିଲେ ପାଞ୍ଚ ପ୍ରାଣୀ କୁଟୁମ୍ବ କୁ ବୁଝାଏ ପତ୍ନୀ କନକ ପାତ୍ର ଦୁଇ ପୁଅ ଜଣେ ଝିଅ, ରବିପାତ୍ରଙ୍କ ଶାନ ପୁଅ ବୟସ (୯) ଜନ୍ମରୁ ଦିବ୍ୟଙ୍ଗ ଡାହାଣ ହାତ ଜନ୍ମରୁ ଆଙ୍ଗୁଠି ନାହିଁ ସଚେତନ ଅଭାବରୁ ବଡ଼ପୁଅ ସିପୁନ ପାତ୍ର ଆଧାର ରେ ଅନ୍ତର୍ଭୁକ୍ତ ହୋଇପାରିନାହାନ୍ତି, ଜୀବନ ଅଭାବ ଅନାଟନରେ ବିତୁଥିବାବେଳେ କୋଣ ଠେଶା ହୋଇ ରହିଯାଇଛନ୍ତି। ରବିପାତ୍ର ଙ୍କ ପରିବାର, କଳିଙ୍ଗନଗର ଶିଳ୍ପନଗର ଶିଳ୍ପର ଅଭାବ ନାହିଁ ସତ କୋଡ଼ିଏ ରୁ ଉର୍ଦ୍ଧ କାରଖାନା ଶିଳ୍ପପତି ମାନେ କଳିଙ୍ଗନର ରେ କାରଖାନା ମନ ପ୍ରତିଷ୍ଠା କରିବାରେ ଲାଗିପଡଛନ୍ତି ଏବଂ ଖୁବ୍ ଲାଭବାନ ମଧ୍ୟ ହେଉଛନ୍ତି। ଅନେକ ଶିଳ୍ପ ଏଞ୍ଜିଓ ସଂସ୍ଥା ମଧ କାରଖାନା ମନ ମିଳିତ ସହୋହୋଗ ରେ ଖୋଲାଯାଇଥିବା ବେଳେ ଲୋକ ଦେଖାଣିଆ ସହ ଖାତା କଲମରେ ସବୁ ଅପ୍ ଡେଟ୍ ରହୁଛି ସତ କିନ୍ତୁ ସାଧାରଣ ଲୋକେ ଉପକୃତ କମ୍ ହେଉଛନ୍ତି ପ୍ରଶାସନ ହେଉକୀ କାରଖାନା ମନଙ୍କ ଦୃଷ୍ଟି ପଡୁନାହିଁ କି ପ୍ରଶାସନ ଅଧିକାରୀ ଙ୍କ ଦୃଷ୍ଟି ପଡୁନାହିଁ , କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ମାଳ ମାଳ ଯୋଜନା ସତେ ଯେମିତି ଯୋଗ୍ୟ ହିତାଧିକାରୀ ଙ୍କ ପାଖରେ ଅପହଞ୍ଚ, ପ୍ରଶ୍ନ ଉଠୁଛି ପ୍ରଶାସନ ର ଅଧିକାରୀ କରୁଛନ୍ତି କଣ , ଯଦି ଯୋଗ୍ୟ ହିତାଧକାରୀ ଙ୍କ ପାଖରେ ସରକାରୀ ସହାୟତା ପହଞ୍ଚି ପାରୁନାହିଁ ତାହେଲେ ସରକାରୀ ଯୋଜନା କାହାପାଇଁ, ରବିଙ୍କ ଶାନ ପୁଅ ଦିବ୍ୟଙ୍ଗ ହୋଇଥିବାବେଳେ ଡିବ୍ୟଙ୍ଗ ଭତ୍ତା ରୁ ବଞ୍ଚିତ ଅଛନ୍ତି ,ରବି ଓ ତାଙ୍କ ପତ୍ନୀ କନକ ରାସନ ରେ ଅନ୍ତର୍ଭୁକ୍ତ ଥିବାବେଳେ ରବିଙ୍କ ପୁଅ ଝିଅ ଙ୍କ ନାମ ରାସନ କାର୍ଡ ରେ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି କି କୌଣସି ପ୍ରକାର ସରକାରୀ ସୁବିଧା ପାଇପାରୁ ନାହାନ୍ତି , ରବି ଙ୍କ ପରିବାର ବର୍ଗ ସରକାରି ପ୍ରୋସାହନ ପାଇବାକୁ ଅନେଇବସିଥିବାବେଳେ କୌଣସି ପ୍ରକାର ସରକାରୀ ସୁବିଧା ଯେମିତି ସାତ ସପନ ରବିଙ୍କ ପରିବାର ପାଇଁ,ରବିପାତ୍ର ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର କୁ ଦୁଃଖ କଷ୍ଟରେ ଚଳାଉ ଥିବାବେଳେ। ସରକାରୀ ଆବାସ ରୁ ବଞ୍ଚିତ ରବିଙ୍କ ପରିବାର ଅଧା ଭଙ୍ଗା ମାଟି କାୟ ସାଙ୍ଗକୁ ଖରା ବର୍ଷା ଶୀତ ରେ ଜରିପାଲ ସତେ ଯେମିତି ସାହାରା ପାଲଟିଛି ରବିଙ୍କ ପରିବାର ଉପରେ, ମୁଣ୍ଡ ଗୁଞ୍ଜିବାକୁ ଛାତ ଘରେ ଖଣ୍ଡେ ସରକାର ଙ୍କ ଆବାସ ଯୋଜନାରେ ମିଳିପାରନ୍ତା ତେବେ ଦୟନୀୟ ଅବସ୍ଥା ରେ ଜରିପାଲ ଉପରେ ଭରସା କରି ରହିଥିବା ପରିବାର ଶାନ୍ତିରେ ଜୀବନ ଜାପାନ କରିପାରନ୍ତେ।

## ନର୍ଲା ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ

କଳାହାଣ୍ଡି/ମହାଭାରତ : ଭବାନୀପାଟଣା:ତା। ୦୭.୨.୨୦୨୫ ନର୍ଲା ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ଆଜି ଉପ ନିର୍ଦ୍ଦେଶକ ପ୍ଲାନିଂ କାର୍ଯ୍ୟାଳୟ,ଭବାନୀପାଟଣା ସ୍ଥିତ ସଭା ଗୃହରେ ମାନ୍ୟବର ନର୍ଲା ବିଧାୟିକା ମନୋରମା ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚିତ ଜାତି, ଜନଜାତି,, ଖାଦ୍ୟ ସୁରକ୍ଷା, ସହର ଏବଂ ଗ୍ରାମ୍ୟ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ, ଶ୍ରମିକ ସମସ୍ୟା, ଗମନା ଗମନ, ସାମାଜିକ ସୁରକ୍ଷା, ପଶୁପାଳନ, କୃଷି,ମତ୍ସ, ଜଳ ସେଚନ, ଖରିଫ ଧାନ ସଂଗ୍ରହ ଇତ୍ୟାଦି ଉପରେ ଆଲୋଚନା କରା ଯାଇଥିଲା । ନର୍ଲା ବିଧାନସଭା ମଣ୍ଡଳୀର ବିଭିଉ ସମସ୍ୟା ଓ ତାରା ସମାଧାନ ସମ୍ପର୍କରେ ମାନ୍ୟବର ବିଧାୟିକା ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେୟ ନର୍ଲା ନିର୍ବାଚନମଣ୍ଡଳୀ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଜଳସେଚନ, ଗମନାଗମନ ଇତ୍ୟାଦି କ୍ଷେତ୍ରରେ ଉନ୍ନତି ଓ ବିକାଶ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ୍ ହୋଇ ଲୋକଙ୍କ ହିତରେ ସେବା ମନୋଭାବ ନେଇ କାମ କରିବା ପାଇଁ ବିଧାୟିକା ଶ୍ରୀମତୀ ମହାନ୍ତି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ବିକାଶ ମୂଳକ କାର୍ଯ୍ୟରେ ବିଭାଗୀୟ ଆଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ସେ ଗୁରୁ ଦେଇଥିଲେ । ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ,ଅଧିକାରୀ,ଜିଲ୍ଲାପରିଷଦ, ଦୟାମୟ ପାଢି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂ,ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିହାରେନ୍ଦ୍ର ପଣ୍ଡା,ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ବିଭାଗ, ଶ୍ରୀକାନ୍ତ ଦଳେଇ ଙ୍କ ସମେତ ଜିଲ୍ଲା ସ୍ଥରୀୟ ପଦାଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେୟ ଶେଷରେ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ ଶ୍ରୀ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାରାଷ୍ଟ୍ର ନିର୍ବାଚନ ନେଇ ଅଭିଯୋଗ ଆଣିଲେ ରାହୁଲ

**ନୂଆଦିଲ୍ଲୀ,୭।୨(ଏଜେନ୍ସି):** ମହାରାଷ୍ଟ୍ର ନିର୍ବାଚନୀ ଫଳାଫଳକୁ ନେଇ ପ୍ରଶ୍ନ ଉଠାଇଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ଦିଲ୍ଲୀ କନଷ୍ଟିଚ୍ୟୁସନ କ୍ଲବରେ ଶିବସେନା ସାଂସଦ ସଞ୍ଜୟ ରାଉତ ଏବଂ ଏନସିପି-ଏସସିପି ସାଂସଦ ସୁପ୍ରିୟା ସୁଲେ, ରାହୁଲ ଗାନ୍ଧୀଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀ ଅନେକ ପ୍ରଶ୍ନ ଉଠାଇଛନ୍ତି ।ମହାରାଷ୍ଟ୍ର ନିର୍ବାଚନରେ



ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିଛନ୍ତି ରାହୁଲ ଗାନ୍ଧୀ । ରାହୁଲ ଗାନ୍ଧୀ କହିଛନ୍ତି, ମହାରାଷ୍ଟ୍ରରେ ନିର୍ବାଚନ ଲଢିଥିବା ସମଗ୍ର ବିରୋଧୀଙ୍କ ପ୍ରତିନିଧିତ୍ୱ କରୁଛୁ । ମହାରାଷ୍ଟ୍ରରେ ଆମେ ଭୋଟର ଏବଂ ଭୋଟର ତାଲିକା ଅଧ୍ୟୟନ କରିଛୁ ।ଆମର ଦଳଗୁଡ଼ିକ କାମ କରୁଛନ୍ତି ଏବଂ ଆମେ ଅନେକ ଅନିୟମିତତା ପାଇଛୁ । ବିଶେଷକରି ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଏବଂ ଭରସା କରୁଥିବା ଯୁବପିଢ଼ି ପାଇଁ, ଏହି ତଥ୍ୟଗୁଡ଼ିକ ବିଷୟରେ ସଚେତନ ହେବା ଏବଂ ସେଗୁଡ଼ିକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ । ସେ ଆହୁରି କହିଛନ୍ତି, ୨୦୧୯-୨୦୨୪ରେ ୩୨ ଲକ୍ଷ ଭୋଟର ଯୋଡ଼ି ହୋଇଥିଲେ । ୨୦୨୪ ଲୋକସଭା ଏବଂ ୨୦୨୪ ବିଧାନସଭା ନିର୍ବାଚନରେ ୩୯ ଲକ୍ଷ ଭୋଟର ଯୋଡ଼ି ହେଲେ । କିନ୍ତୁ ମହାରାଷ୍ଟ୍ରର ଭୋଟର ମହାରାଷ୍ଟ୍ରର ପ୍ରାପ୍ତବୟସ୍କ ଜନସଂଖ୍ୟାଠାରୁ ଅଧିକ । ଆମେ କେବଳ ଲୋକସଭାରେ ମହାରାଷ୍ଟ୍ରର ଭୋଟର ତାଲିକା ଏବଂ ବିଧାନସଭା ନିର୍ବାଚନରେ ଭୋଟର ତାଲିକା ସର୍ବସାଧରଣ କରିବାକୁ ଦାବି କରୁଛୁ । ଅତିରିକ୍ତ ଭୋଟରମାନେ କେଉଁଠାରୁ ଆସିଛନ୍ତି ? ପାଞ୍ଚ ବର୍ଷରେ ଯେତିକି ଭୋଟର ଯୋଡା ଯାଇଥିଲା, ୫ ମାସରେ ତା'ଠାରୁ ଅଧିକ ଭୋଟର ଯୋଡା ହୋଇଛି । ଏହା ସହିତ ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି । ସେ ନିର୍ବାଚନ କମିଶନରଙ୍କ ଚୟନ ପ୍ରସଙ୍ଗ ଉଠାଇଥିଲେ । ରାହୁଲ ଗାନ୍ଧୀ କହିଛନ୍ତି, ମହାରାଷ୍ଟ୍ରର ଭୋଟର ତାଲିକାରେ ଥିବା ଅସଙ୍ଗତି ଗୁରୁତର ଅନିୟମିତତାକୁ ଦର୍ଶାଉଛି । ନିର୍ବାଚନମଣ୍ଡଳୀରେ ବିଜେପିର ବିଜୟର ବ୍ୟବଧାନ ଭୋଟର ତାଲିକାରେ ଯୋଡ଼ି ହୋଇଥିବା ପାର୍ଥକ୍ୟ ସହିତ ସମାନ ।ସରକାରଙ୍କ ଅନୁଯାୟୀ, ମହାରାଷ୍ଟ୍ରର ପ୍ରାପ୍ତବୟସ୍କ ଭୋଟର ସଂଖ୍ୟା ୯.୫୪ କୋଟି । ନିର୍ବାଚନ କମିଶନଙ୍କ ଅନୁଯାୟୀ, ମହାରାଷ୍ଟ୍ରରେ ୯.୭ କୋଟି ଭୋଟର ଅଛନ୍ତି । ଏହାର ଅର୍ଥ ହେଉଛି ନିର୍ବାଚନ କମିଶନ ଦେଶର ଲୋକଙ୍କୁ କହୁଛନ୍ତି ଯେ ମହାରାଷ୍ଟ୍ରରେ ଭୋଟର ସଂଖ୍ୟା ଜନସଂଖ୍ୟା ଅପେକ୍ଷା ଅଧିକ ।

# ୪୮୭ ବେଆଇନ ଭାରତୀୟ ପ୍ରବାସୀଙ୍କୁ ପଠାଇବ ଆମେରିକା

**ନୂଆଦିଲ୍ଲୀ,୭।୨:** ଭାରତର ବୈଦେଶିକ ସଚିବ ବିକ୍ରମ ମିସ୍ରି ଶୁକ୍ରବାର କହିଛନ୍ତି ଯେ ଆମେରିକା ଭାରତକୁ ୪୮୭ ଜଣ ସମ୍ଭାବ୍ୟ ଭାରତୀୟ ନାଗରିକଙ୍କ ବିଷୟରେ ଅବଗତ କରିଛି ଯେଉଁମାନଙ୍କୁ ଭାରତ ପଠାଇବାକୁ ଆଦେଶ ଜାରି କରାଯାଇଛି । ବୈଦେଶିକ ସଚିବ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିବା ସହ ବେଆଇନ ପ୍ରବାସୀ ଥିବା ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଭାରତ ସରକାର ଟ୍ରମ୍ପ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି ବୋଲି ସୂଚନା ଦେଇଛନ୍ତି । ଏହି ସମୟରେ ଆମେରିକାରୁ ଭାରତ ଅଣାଯାଇଥିବା ବେଆଇନ ଭାରତୀୟ ପ୍ରବାସୀଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାରକୁ ନେଇ ସେ ଉଦବେଗ ପ୍ରକାଶ କରିଥିଲେ । ଦୁର୍ବ୍ୟବହାର ପ୍ରସଙ୍ଗରେ ସଚିବ ବିକ୍ରମ ମିସ୍ରି କହିଛନ୍ତି, ଏହା ଏକ ବୈଧ ପ୍ରସଙ୍ଗ ଏବଂ ଆମେ ଆମେରିକୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଜାରି ରଖିବୁ ଯେ ନିର୍ବାସିତଙ୍କ ପ୍ରତି ଅମାନବୀୟ ବ୍ୟବହାର ନ ହେଉ । ଦୁର୍ବ୍ୟବହାର ପ୍ରସଙ୍ଗରେ ସଚିବ ବିକ୍ରମ ମିସ୍ରି କହିଛନ୍ତି, ଏହା ଏକ ବୈଧ ପ୍ରସଙ୍ଗ ଏବଂ ଆମେ ଆମେରିକୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଜାରି ରଖିବୁ ଯେ ନିର୍ବାସିତଙ୍କ ପ୍ରତି ଅମାନବୀୟ ବ୍ୟବହାର ନ ହେଉ । ଆମ ଦୃଷ୍ଟିକୁ ଆସୁଥିବା ଦୁର୍ବ୍ୟବହାରର ଯେକୌଣସି ମାମଲାକୁ ଆମେ ଉଠାଇବା ଜାରି ରଖିବୁ । ବେଆଇନ ପ୍ରବାସକୁ ପ୍ରୋତ୍ସାହନ ଦେଉଥିବା ଅନ୍ତର୍ନିହିତ



ଇକୋସିଷ୍ଟମ ବିରୋଧରେ ସମଗ୍ର ବ୍ୟବସ୍ଥାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସେ କହିଛନ୍ତି ।

# ସୁପ୍ରିମକୋର୍ଟ ଗଲା ଡିସ୍କଭରୀ

ନୂଆଦିଲ୍ଲୀ,୭।୨: ନିକଟରେ ରିଲିଜ ହୋଇଥିବା ଡକ୍ୟୁମେ□ାରୀ ସିରିଜ କଲ୍ଟ ଅଫ ଫିୟର: ଆଶାରାମ ବାପୁଙ୍କ ସମ୍ପର୍କରେ ଡିସ୍କଭରି କମ୍ୟୁନିକେସନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଆବେଦନରେ କୁହାଯାଇଛି ଯେ ଜାନୁଆରୀ ୨୯ରେ ଏହି ଡକ୍ୟୁମେ□ାରୀ ସିରିଜ ମୁକ୍ତିଲାଭ କରିବା ପରଠାରୁ, ଡିସ୍କଭରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିରନ୍ତର ଧମକ ମିଳୁଛି ।

କିଛି ସ୍ଥାନରେ ଆଶାରାମ ବାପୁଙ୍କ ସମର୍ଥକଙ୍କ ଭିଡ଼ ତାଙ୍କ କାର୍ଯ୍ୟାଳୟ ବାହାରେ ମଧ ଦେଖିବାକୁ ମିଳିଥିଲା ।ଏହି ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ଅନେକ ରାଜ୍ୟ ସରକାରଙ୍କୁ ଡିସ୍କଭରୀ ସହିତ ଜଡିତ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସ୍କଭରୀ କମ୍ୟୁନିକେସନର ଆବେଦନରେ କେନ୍ଦ୍ର ସରକାରଙ୍କ ବ୍ୟତୀତ ମହାରାଷ୍ଟ, ତେଲଙ୍ଗାନା, ଦିଲ୍ଲୀ, ହରିୟାଣା, ପଶ୍ଚିମବଙ୍ଗ, କର୍ନାଟକ ଏବଂ ତାମିଲନାଡୁ ସରକାରଙ୍କୁ ପକ୍ଷ କରାଯାଇଛି । ଆବେଦନରେ କୁହାଯାଇଛି ଯେ ବିବାଦୀୟ ସନ୍ଥ ଆଶାରାମ ବାପୁଙ୍କ ଉପରେ ଡକ୍ୟୁମେ□ାରୀ ସିରିଜ ରିଲିଜ ହେବା ପରଠାରୁ, ଡିସ୍କଭରୀ ସହିତ ଜଡିତ ଲୋକଙ୍କୁ ମଧ ବିଭିନ୍ନ ଉପାୟରେ ଧମକ ମିଳୁଛି । ଡିସ୍କଭରୀର ମୁମ୍ବାଇ କାର୍ଯ୍ୟାଳୟ ବାହାରେ ଭିଡ଼ ଜମା ହେବା ପରେ, ସୁରକ୍ଷା ଦୃଷ୍ଟିରୁ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ କୁହାଯାଇଛି । ଡିସ୍କଭରୀ କହିଛି ଯେ ଏହା ମୁମ୍ବାଇ, ପୁଣେ, ଗୁରୁଗ୍ରାମ, ଦିଲ୍ଲୀ, ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁ ସମେତ ଅନେକ ସ୍ଥାନରେ ପୋଲିସ ଷ୍ଟେଶନରେ ଅଭିଯୋଗ ଦାଖଲ କରି ସୁରକ୍ଷା ପାଇଁ ଅନୁରୋଧ କରିଛି ।

# 'ଛାଡ଼ପତ୍ର ହୋଇନଥିଲେ ବି ଭରଣପୋଷଣ ବାଧ୍ୟ'

**ନୂଆଦିଲ୍ଲୀ,୭।୨:** ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ମହିଳା ନିଜ ଦ୍ୱିତୀୟ ସ୍ୱାମୀଙ୍କଠାରୁ ଭରଣ ପୋଷଣ ଟଙ୍କା ନେବାକୁ ବାଧ୍ୟ । ଏକ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ଜଷ୍ଟିସ ବି.ବି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି । ଧାରା ୧୨୫ ଆଧାରରେ ଜଣେ ବ୍ୟକ୍ତି ଏହି ଭରଣ ପୋଷଣ ଦେବାକୁ ମନା କରିପାରିବେ ନାହିଁ । ମହିଳା ଜଣକ ନିଜ ପ୍ରଥମ ସ୍ୱାମୀଙ୍କୁ ଆଇନ ଅନୁସାରେ ଛାଡ଼ପତ୍ର ନଦେଇଥିଲେ ବି ଦ୍ୱିତୀୟ ସ୍ୱାମୀଙ୍କ ଠାରୁ ଭରଣପୋଷଣ ଟଙ୍କା ମାଗି ପାରିବେ । ମାମଲାର ଶୁଣାଣି କରି ଜଷ୍ଟିସ ବି.ବି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି, ଧ୍ୟାନ ଦେବା ଉଚିତ୍ କି ଧାରା ୧୨୫ ସିଆରପିସି ଅଧିନରେ ପତ୍ନୀ ଭରଣ ପୋଷଣ ମାଗନ୍ତୁ କି ନମାଗନ୍ତୁ କିନ୍ତୁ ସ୍ୱାମୀ ପତ୍ନୀଙ୍କୁ ଭରଣ ପୋଷଣ ଦେବା ତାଙ୍କ କର୍ତ୍ତବ୍ୟ । ପୂର୍ବରୁ ଏହି ମାମଲାର ଶୁଣାଣି ବେଳେ ଅର୍ଥାତ ୧୩ ଏପ୍ରିଲ ୨୦୧୭ରେ ହାଇକୋର୍ଟ ମହିଳାଙ୍କୁ ଭରଣପୋଷଣ ପାଇଁ ମିଳିବାକୁ ଥିବା ୫ ହଜାର ଟଙ୍କାକୁ ରଦ୍ଦ କରିଦେଇଥିଲେ । ସେତେବେଳେ ହାଇକୋର୍ଟ କହିଥିଲେ କି ଯେତେ ଯାଏଁ ମହିଳା ଜଣକ ପ୍ରଥମ ସ୍ୱାମୀଙ୍କଠାରୁ ଆଇନ ଅନୁଯାୟୀ ଛାଡ଼ପତ୍ର ଆଣି ନାହାନ୍ତି, ତାଙ୍କୁ ଦ୍ୱିତୀୟ ବ୍ୟକ୍ତିଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରାଯିବ ନାହିଁ । ମହିଳା ଜଣକ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇଦ୍ରାବାଦ ହାଇକୋର୍ଟରେ ଏହି ମାମଲାର ଶୁଣାଣି



କରାଯାଇଥିଲା । ବାସ୍ତବରେ ମହିଳା ଜଣକ ୧୯୯୯ ମସିହାରେ ପ୍ରଥମ ବିବାହ କରିଥିଲେ । ୨୦୦୦ ମସିହାରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ୨୦୦୫ରେ ଦମ୍ପତି ଆମେରିକାରୁ ଫେରିବା ପରେ ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ତା' ପରେ ଦୁହେଁ ଅଲଗା ହୋଇଯାଇଥିଲେ । ଏହାପରେ ମହିଳା ଜଣଙ୍କର ପଡ଼ୋଶୀଙ୍କ ସହ ପ୍ରେମ ସମ୍ପର୍କ ଗି ଉଠିଥିଲା । ପ୍ରଥମ ସ୍ୱାମୀଙ୍କ ଠାରୁ ଅଲଗା ହେବାର ଦୁଇ ଦିନ ପରେ ଅର୍ଥାତ ୨୭ ନଭେମ୍ବର ୨୦୦୫ ରେ ଉଭୟ ବାହା ହେଲେ । ଦୁହିଁଙ୍କର ଗୋଟିଏ କନ୍ୟା ସନ୍ତାନ ବି ଅଛି । କିନ୍ତୁ ଏ ବିବାହ ବି ଅଧିକ ଦିନ ଚଳିପାରିଲା ନାହିଁ । ୨୦୧୨ରେ ଅଲଗା ହେବା ପରେ ସେ ଭରଣ ପୋଷଣ ଦେବା ପାଇଁ ଦାବି କରିଆସୁଛନ୍ତି । ସୁପ୍ରିମକୋର୍ଟଙ୍କ କହିବାନୁଯାୟୀ, ଦ୍ୱିତୀୟ ସ୍ୱାମୀ ଜଣକ ମହିଳାଙ୍କ ପ୍ରଥମ ସ୍ୱାମୀ ଅଛନ୍ତି ବୋଲି ଜାଣିବା ପରେ ବି ବିବାହ କରିଥିଲେ । ମହିଳା ଜଣକ ପ୍ରଥମ ସ୍ୱାମୀଙ୍କ ସହ ବିବାହ ବିଚ୍ଛେଦ ନେଇ ହୋଇଥିବା ଚୁକ୍ତି ବି ଦେଖାଇଛନ୍ତି । ଯେଉଁଥିରୁ ଜଣାପଡୁଛି ଯେ ତାଙ୍କର ପ୍ରଥମ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିସାରିଛି । ହୁଏତ ଏହି ଚୁକ୍ତି ଆଇନଗତ ଛାଡ଼ପତ୍ର ନୁହେଁ । ଯେହେତୁ ମହିଳା ଜଣକ ତାଙ୍କ ପ୍ରଥମ ସ୍ୱାମୀଙ୍କ ଠାରୁ ଉରଣ ପୋଷଣ ନେଉ ନାହାନ୍ତି । ତେଣୁ ଦ୍ୱିତୀୟ ସ୍ୱାମୀ ଭରଣପୋଷଣ ଦେବାକୁ ବାଧ୍ୟ ।

# ନିର୍ବାଚନ ଆୟୋଗଙ୍କ ଜବାବ

**ନୂଆଦିଲ୍ଲୀ,୭।୨:** କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ । ଏହା ଉପରେ ନିର୍ବାଚନ ଆୟୋଗଙ୍କ ପ୍ରତିକ୍ରିୟା ମିଳିଛି । ନିର୍ବାଚନ ଆୟୋଗ କହିଛନ୍ତି ଯେ, ଯେକୌଣସି ପ୍ରଶ୍ନର ଜବାବ ଲିଖିତ ଆକାରରେ ଦେବେ । ରାଜନେତିକ ଦଳ ଦ୍ୱାରା ଉଠାଯାଉଥିବା ପ୍ରଶ୍ନ, ପରାମର୍ଶ ଏବଂ ବିଚାରକୁ ଗୁରୁତ୍ୱ ସହ ଗ୍ରହଣ କରାଯାଏ । ସୋସିଆଲ୍ ମିଡିଆ ଏକ୍ସରେ ନିର୍ବାଚନ ଆୟୋଗ ଲେଖିଛନ୍ତି, 'ଆୟୋଗ ରାଜନୈତିକ ଦଳଙ୍କୁ ଏକ ପ୍ରମୁଖ ଷ୍ଟେକ୍ ହୋଲ୍ଡର ଭାବେ ଦେଖନ୍ତି । ଆମ ପାଇଁ ମତଦାତା ସର୍ବପ୍ରଥମ କିନ୍ତୁ ଆମେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଦିଆଯାଇଥିବା ସମସ୍ତ ବିଚାର, ପରାମର୍ଶ ଏବଂ ପ୍ରଶ୍ନକୁ ମହତ୍ୱ ଦେଉଛୁ । ଆୟୋଗ ସାରା ଦେଶରେ ନିର୍ବାଚନରେ ସମାନ ରୂପେ ଆପଣାଯାଇଥିବା ତଥ୍ୟ ଆଧାରିକ ଏବଂ ପ୍ରକ୍ରିୟା ଆଧାରିକ ମାଟ୍ରିକ୍ସ ସହ ସବୁ ପ୍ରଶ୍ନର ଲିଖିତ ରୂପେ ଜବାବ ଦେବେ ।'ନିର୍ବାଚନ ଆୟୋଗଙ୍କ ଜବାବ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ପରେ ଆସିଛି । ଶୁକ୍ରବାର କରିଥିବା ସାମ୍ବାଦିକ ସମ୍ମିଳନୀରେ ରାହୁଲ ମହାରାଷ୍ଟ୍ର ନିର୍ବାଚନରେ ତ୍ରୁଟି ନେଇ ଅଭିଯୋଗ କରିଥିଲେ । ଭୋଟର ଲିଷ୍ଟରେ ଅନେକ ଭୁଲ ମିଳିଥିବା ସେ କହିଥିଲେ । ଏହାସହ କହିଥିଲେ ଯେ ଆମେ ନିର୍ବାଚନ ଆୟୋଗଙ୍କୁ ଏହି ମାମଲାରେ ଜବାବ ମାଗିଥିଲୁ । କିନ୍ତୁ ତାଙ୍କ ତରଫରୁ ଏବେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିନାହିଁ । ଏଥିରୁ ସ୍ପଷ୍ଟ ହୋଇଛି ଯେ, ସେ ଯାହା କିଛି କରିଛନ୍ତି ସେଥିରି କିଛି ନା କିଛି ତ୍ରୁଟି ରହିଛି ବୋଲି ରାହୁଲ ଗାନ୍ଧୀ କହିଥିଲେ ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ସରକାରୀ...

ଆମର ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା କନକ୍ଲେଭ୍ ୨୦୨୫ର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଥିରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ସୁଯୋଗ ଆସିଛି । ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି । ଏହି ସୁଯୋଗକୁ ଆମ ସରକାର କୌଣସି ପରିସ୍ଥିତିରେ ହାତଛଡ଼ା କରିବ ନାହିଁ । ଏହି ସବୁ ନିବେଶ ପ୍ରସ୍ତାବଗୁଡ଼ିକ ଯେପରି କାର୍ଯ୍ୟକାରୀ ହେବ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ହେବ, ସେଥିପାଇଁ ଆମେ ଦିନରାତି ଏକ୍‌କରି କାମ କରିବୁ । ମୋର ଦୃଢ଼ ବିଶ୍ୱାସ ଆଗାମୀ ୫ ବର୍ଷ ଆମ ଯୁବଶକ୍ତି ପାଇଁ ବିପୁଳ ସମ୍ଭାବନାର ସମୟ ହେବ ।

ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିଜ ପାଇଁ ସମାଜରେ ଏକ ସ୍ଥାନ ହାସଲ କରିବା ସହ ସମୃଦ୍ଧ ଓଡ଼ିଶା ନିର୍ମାଣ ମିଶନର ଏକ ଅଙ୍ଗ ଭାବେ ଆପଣମାନେ ସରକାରୀ ବ୍ୟବସ୍ଥାରେ ଯୋଗ ଦେଉଛନ୍ତି । ଆପଣମାନଙ୍କର ନିଷ୍ଠା, ସଚ୍ଚୋଟତା ଏବଂ ସେବା ଭାବ ଜନସାଧାରଣଙ୍କୁ ଜୀବନଧାରଣର ମାନରେ ଉନ୍ନତି ଆଣିବ । କିନ୍ତୁ, ସବୁବେଳେ ମନେରଖିବେ ଯେ, ଆମ ସରକାର ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଶାସନ ପ୍ରଶାସନ ଉପରେ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଦୁର୍ନୀତି ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଏ ଅଭିଯାନ ଜାରୀ ରହିବ ବୋଲି ପ୍ରକାଶ କରି ଏଥିପାଇଁ ସମସ୍ତେ ସଚେତନ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଶେଷରେ ସେ ସମସ୍ତଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ନିଜର ଆଗାମୀ କର୍ମମୟ ଜୀବନକୁ ସେବା, ସାଧନା ଓ ତପସ୍ୟା ମାଧ୍ୟମରେ ସଫଳ କରାନ୍ତୁ, ଏହାହିଁ ମୋର ଇଚ୍ଛା । ଆସନ୍ତୁ, ସମସ୍ତେ ମିଳିମିଶି ଏକ ସୁଦୃଢ, ସଶକ୍ତ ଓଡ଼ିଶା ଗଠନ କରିବା ଏବଂ ଯେତେବେଳେ ଆଉ ୧୨ ବର୍ଷ ପରେ ଆମ ରାଜ୍ୟ ଏହାର ପ୍ରତିଷ୍ଠାର ଏକ ଶହ ବର୍ଷ ପାଳନ କରିବ, ଆମେ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟର ସ୍ୱାଭିମାନୀ ନାଗରିକ ହୋଇଥିବା ।

କାର୍ଯ୍ୟକ୍ରମରେ ଯୋଗ ଦେଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବନିଯୁକ୍ତ ମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ କହିଥିଲେଯେ ନିଯୁକ୍ତି କ୍ଷେତ୍ରରେ ଗତ ୮ ମାସ ମଧ୍ୟରେ ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି ଏବଂ ଆଗାମୀ ଦିନ ଗୁଡିକରେ ମଧ ସରକାର ନିଜ ପ୍ରତିଶ୍ରୁତି ପୂର୍ଣ୍ଣ କରିବେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେଯେ ଆଜିର ନବ ନିଯୁକ୍ତ ମାନଙ୍କ କାନ୍ଧରେ ଉତ୍କୃଷ୍ଟ କଳାର କ୍ଷେତ୍ର ଆମ ରାଜ୍ୟ ଓଡ଼ିଶା ଭବିଷ୍ୟତର ଉତ୍କର୍ଷ ଓଡ଼ିଶାରେ ଅଭିମୁଖେ ଯିବ ଏବଂ ମୋର ବିଶ୍ୱାସଯେ ନିଜର ସଚ୍ଚୋଟତା ବଳରେ ନିଜର କର୍ମମୟ ଜୀବନକୁ ଋଦ୍ଧିମନ୍ତ କରିବେ ।ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ,ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ତଥା ସାଧରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓ ରାଜ୍ୟ ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଯୋଗ ଦେଇଥିଲେ ।ଇତ୍ୟବସରରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ, ଶ୍ରୀମତୀ ଅଶ୍ୱତୀ.ଏସ୍ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଜି...

ସର୍ଭେ ଆକଳନ ଓ ନିର୍ବାଚନ ଫଳାଫଳ ଅଲଗା ହୋଇପାରେ ବୋଲି କୁହାଯାଉଛି । କାରଣ ଦିଲ୍ଲୀରେ କିଛି ବି ହୋଇପାରେ ।ତେବେ ଏଥର ୨୭ ବର୍ଷର ବନବାସ ଶେଷ କରି ଦିଲ୍ଲୀ ଜିତିବା ପାଇଁ ଜୋରଦାର ଉଦ୍ୟମ କରିଥିଲା ବିଜେପି । ନିର୍ବାଚନର ଠିକ୍ ୪୮ ଘଣ୍ଟା ପୂର୍ବରୁ ଆପ୍ ଛାଡି ବିଜେପିରେ ମିଶିଥିଲେ ୮ ବିଧାୟକ । ଯାହା ଦଳକୁ ଦେଇଥିଲା ବୁଷ୍ଟ । ୧୯୯୭ ମସିହାରେ କ୍ଷମତାରୁ ଯିବା ପରେ ବିଜେପି ଆଉ ଦିଲ୍ଲୀ ସିଂହାସନରେ ବସିନାହିଁ ।୨୦୧୪, ୨୦୧୯, ୨୦୨୪ ଲୋକସଭା ନିର୍ବାଚନରେ ୭ରୁ ୭ ଲୋକସଭା ଆସନ ଜିତିଥିଲେ ବି ବିଧାନସଭାରେ ନିରାଶ ହୋଇଥିଲା ବିଜେପି । ଏଥର କିନ୍ତୁ ଏହି ଟ୍ରେଣ୍ଡ ବଦଳିବ ବୋଲି ଦଳର ନେତା ଆରମ୍ଭରୁ ଦମ୍ଭୋକ୍ତି ଦେଖାଇଛନ୍ତି । ଅନ୍ୟପଟେ ଏକଦା ଶାସନରେ ଥିବା କଂଗ୍ରେସ ଏଥର ଦିଲ୍ଲୀରେ ଖାତା ଖୋଲିପାରୁଛି କି ନାହିଁ ତାହା ଉପରରେ ବି ସଭିଙ୍କ ନଜର ରହିବ ।

୨୦୧୫ ଦିଲ୍ଲୀ ବିଧାନସଭାରେ ହୋଇଥିଲା ୬୭.୪୭ ପ୍ରତିଶତ ଭୋଟିଂ । ଆମ୍ ଆଦମୀ ପାର୍ଟିକୁ ୫୪.୩ ପ୍ରତିଶତ ଭୋଟ୍ ମିଳିଥିଲା ବିଜେପିକୁ ୩୨.୩ ପ୍ରତିଶତ ଏବଂ କଂଗ୍ରେସକୁ ୯.୭ ପ୍ରତିଶତ ମିଳିଥିଲା । ସେହିପରି ୨୦୨୦ ନିର୍ବାଚନରେ ଦିଲ୍ଲୀରେ ୫ ପ୍ରତିଶତ କମ ଭୋଟିଂ ହୋଇଥିଲା ଆପକୁ ୫୩.୫୭ ପ୍ରତିଶତ ଭୋଟ୍ ମିଳିଥିଲା । ବିଜେପିର ଭୋଟ ହାର ୬.୨୧ ପ୍ରତିଶତ ବଢ଼ି ୩୮.୫୧ ପ୍ରତିଶତ ହୋଇଥିଲା । ତେବେ ଚଳିତ ଥର ନିର୍ବାଚନ ଆୟୋଗଙ୍କ ଡାଟା ଅନୁସାରେ ଫେବୃଆରୀ ୫ ରାତି ୧୧.୩୦ ସୁଦ୍ଧା ୬୦.୪୨ ପ୍ରତିଶତ ଭୋଟିଂ ହୋଇଛି ।ସେପଟେ ଦିଲ୍ଲୀର ହାଇପ୍ରୋଫାଇଲ୍ ସିଟ୍ ଗୁଡ଼ିକ ଉପରେ ବି ନଜର ରହିବ ନୂଆଦିଲ୍ଲୀ ଆସନରେ କେଜ୍ରିୱାଲ, ବିଜେପିର ପ୍ରବେଶ ବର୍ମା ଏବଂ ସନ୍ଦୀପ ଦୀକ୍ଷିତ ମଧ୍ୟରେ ଲଢେଇ ହେଉଛି । କାଲକାଜି ଆସନରେ ଆତିଶୀ ମାର୍ଲେନା ବିରୋଧରେ ବିଜେପିରୁ ରମେଶ ବିଧୁରୀ ଓ କଂଗ୍ରେସରୁ ଅଲକା ଲମ୍ବା ଲଢିଛନ୍ତି । ମନୀଷ ସିସୋଦିଆ ଜାଙ୍ଗପୁରା ନିର୍ବାଚନ ମଣ୍ଡଳୀରେ ବିଜେପିର ତରବିନ୍ଦର ସିଂ ମରା ଓ କଂଗ୍ରେସର ଫର୍ସାଦ ସୁରୀଙ୍କୁ ମୁକାବିଲା କରୁଛନ୍ତି ।

# ସିଦ୍ଧରମୟାଙ୍କୁ ଆଶ୍ୱସ୍ତି

**ବେଙ୍ଗାଲୁର,୭।୨:** ଜମି ଦୁର୍ନୀତି ମାମଲାରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୟାଙ୍କୁ ଆଶ୍ୱସ୍ତି । ତାଙ୍କ ନାମରେ ରହିଥିବା ମେସୁର ଅର୍ବାନ ଡେଭ୍ଲପମେଣ୍ଟ୍ ଅଥରିଟି (ମୁଡା) ମାମଲାକୁ ସିବିଆଇକୁ ହସ୍ତାନ୍ତର କରିବାକୁ ଶୁକ୍ରବାର ମନା କରି ଦେଇଛନ୍ତି କର୍ଣ୍ଣାଟକ ହାଇକୋର୍ଟ । ଆରଟିଆଇ କର୍ମୀ ସ୍ନେହମୟୀ କୃଷ୍ଣଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆର୍ଟିଆଇ ଆବେଦନକୁ ଖାରଜ କରିଦେଇଛନ୍ତି କୋର୍ଟ । ଏହାକୁ ଏବେ ଲୋକଯୁକ୍ତ ତଦନ୍ତ କରିବେ ବୋଲି କୋର୍ଟ କହିଛନ୍ତି । ଏହି ରାୟ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପାଇଁ ଆଶ୍ୱସ୍ତି ଆଣିଛି । କାରଣ ଏଥିରେ ତାଙ୍କ ବିରୁଦ୍ଧରେ ଅନିୟମିତତାର ଅଭିଯୋଗ ରହିବା ସହ ତାଙ୍କ ପତ୍ନୀ ପାର୍ବତୀ ବିଏମ୍‌ଙ୍କ ନାମରେ ମଧ ବେଆଇନ୍ ଆବଣ୍ଟନର ଅଭିଯୋଗ ରହିଛି । ତେବେ ସିଦ୍ଧରମୈୟାଙ୍କ ବିରୋଧରେ ହାଇକୋର୍ଟରେ ଆବେଦନ କରିଥିବା କୃଷ୍ଣ କହିଛନ୍ତି ଯେ ସେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ସୁପ୍ରିମକୋର୍ଟ ଯିବେ । ତେବେ ହାଇକୋର୍ଟଙ୍କ ରାୟକୁ ସିଦ୍ଧରମେୟା ନିଜର ଖୁସି ବ୍ୟକ୍ତ କରି କହିଛନ୍ତି, ''ମୁଁ କୋର୍ଟଙ୍କ ରାୟକୁ ସ୍ୱାଗତ କରୁଛି ଏବଂ ରାୟକୁ ସମ୍ମାନ ଦେବି । ସମସ୍ତ ପକ୍ଷ ଶୁଣିବା ପରେ ଗତ ମାସରେ କୋର୍ଟ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ । ଆବେଦନକାରୀଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ ଅଭିଯୁକ୍ତଙ୍କର ଏହି ପର୍ଯ୍ୟାୟରେ ଶୁଣାଣି ହେବାର ଅଧିକାର ନାହିଁ ଏବଂ କେଉଁ ଏଜେନ୍ସି ତଦନ୍ତ ପରିଚାଳନା କରିବ ତାହା ସେ ନିଷ୍ପତ୍ତି ନେଇପାରିବେ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଓକିଲ କପିଲ ସିବଲ ସମାନ ଯୁକ୍ତି ବ୍ୟବହାର କରି ପଚାରିଥିଲେ ଯେ ଯଦି ଅଭିଯୁକ୍ତ ତଦନ୍ତକାରୀ ସଂସ୍ଥା ବାଛିପାରିବେ ନାହିଁ, ତେବେ ଆବେଦନକାରୀ କିପରି ଏହା କରିପାରିବେ ।

# ସରପଂଚ ପ୍ରାର୍ଥୀଙ୍କୁ ହତ୍ୟାକଲେ ନକ୍ସଲ

**ଦନ୍ତେୱାଡ଼ା,୭।୨:** ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲା ଅରନପୁର ଥାନା ଅନ୍ତର୍ଗତ ଅରନପୁର ପଂଚାୟତର ସରପଂଚ ପାରା ନିବାସୀ ଜୋଗା ବାରସେଙ୍କୁ ନକ୍ସଲମାନେ ଗୁରୁବାର ରାତିରେ ଘରେ ପଶି ତାଙ୍କ ପରିବାର ଲୋକଙ୍କ ସାମ୍ନାରେ ହତ୍ୟା କରିଛନ୍ତି । ଦନ୍ତେୱାଡ଼ା ଏସପି ଏହି ସୂଚନା ଦେଇଛନ୍ତି । ଗୁରୁବାର ବିଳମ୍ବିତ ରାତିରେ ବହୁ ସଂଖ୍ୟାରେ ନକ୍ସଲ କଂଗ୍ରେସ ସମର୍ଥିତ ସରପଂଚ ପ୍ରାର୍ଥୀ ଜୋଗା ବାରସେଙ୍କ ଘରେ ପହଂଚି ଥିଲେ । ଏବଂ କୁରାଢ଼ୀରେ ଘରର କବାଟ ଭାଙ୍ଗି ଥିଲେ । ଏହାପରେ ଘରେ ପଶି ପରିବାର ଲୋକଙ୍କ ସମ୍ମୁଖରେ ଜୋଗା ବାରସେଙ୍କୁ ହତ୍ୟା କରିଥିଲେ । ତ୍ରିସ୍ତରିୟ ପଂଚାୟତ ନିର୍ବାଚନକୁ ବିରୋଧ କରି ନକ୍ସଲ ମାନେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି । ଘଟଣା ପରେ ନକ୍ସଲ ମାନେ ଜଙ୍ଗଲ ଆଡକୁ ପଳାଇ ଯାଇଥିଲେ । ଦନ୍ତେୱାଡ଼ା ଏସପି ଗୌରବ ରାୟ ଏହି ସୂଚନା ଦେଇଛନ୍ତି ।

# ୧୦ରେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

ନୂଆଦିଲ୍ଲୀ,୭।୨(ପିଆଇବି): ବହୁ ପ୍ରତୀକ୍ଷିତ ପରୀକ୍ଷା ପେ ଚର୍ଚ୍ଚା ୨୦୨୫ (ପିପିସି ୨୦୨୫) ଫେବୃଆରୀ ୧୦, ୨୦୨୫ ରେ ପୂର୍ବାହ୍ନ ୧୧ ଟା ସମୟରେ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ, ପରୀକ୍ଷା ପ୍ରସ୍ତୁତି, ଚାପ ପରିଚାଳନା ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ବିଷୟରେ ମାର୍ଗଦର୍ଶନ ଦେବେ ।



ଚଳିତ ବର୍ଷ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅ□ଳର ୩୬ ଜଣ ଛାତ୍ର ରାଜ୍ୟ / ୟୁଟି ବୋର୍ଡ ସରକାରୀ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ବିଦ୍ୟାଳୟ, ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ, ସିବିଏସ୍‌ଇ ଏବଂ ନବୋଦୟ ବିଦ୍ୟାଳୟରୁ ମନୋନୀତ ହୋଇଛନ୍ତି । କିଛି ଛାତ୍ର ପ୍ରେରଣା ବିଦ୍ୟାଳୟ କାର୍ଯ୍ୟକ୍ରମର ଆଲୁମିନି, କଳା ଉତ୍ସବ ଏବଂ ବୀର୍ ଗାଥା ବିଜେତା ଅଟନ୍ତି । ଏହି ଛାତ୍ରମାନଙ୍କୁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଯୋଡି ହେବାକୁ ମନୋନୀତ କରାଯାଇଛି । ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବରେ ପରିଣତ କରାଯାଇଛି ।

ପିପିସି ୨୦୨୫ ଆଠଟି ଏପିସୋଡ୍ ଆଧାରିତ ଏକ ରୋମା□କର ନୂତନ ଫର୍ମାଟରେ ଖୋଲି । ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟମ୍, ସ୍ୱୟମ୍ ପ୍ରଭା, ପିଏମଓ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଶିକ୍ଷା ମନ୍ତ୍ରଣାଳୟ ଏବଂ ଆଇଆଣ୍ଡବି ମନ୍ତ୍ରଣାଳୟର ସୋସିଆଲ୍ ମିଡିଆ ଚ୍ୟାନେଲରେ ପ୍ରସାରିତ ହେବ ଯାହା ନିଶ୍ଚିତ କରିବ ଯେ ସମଗ୍ର ଦେଶରେ ଦର୍ଶକମାନେ ଏହି ସମୃଦ୍ଧ ଅଭିଜ୍ଞତାରେ ଅଂଶଗ୍ରହଣ କରିପାରିବେ ।

ପିପିସି ଜନ ଆନ୍ଦୋଳନ ହେବା ସହିତ ଆମ ପିଲାମାନଙ୍କର ଶାରିରିକ ଏବଂ ମାନସିକ ସୁସ୍ଥତାକୁ ସମ୍ପ୍ରଦାୟର ଯୋଗଦାନ ମାଧ୍ୟମରେ ସମାଧାନ କରାଯାଉଛି । ସେହି ଅନୁଯାୟୀ, ପିପିସିର ୭ଟି ସଂସ୍କରଣ ଭଳି ଅଷ୍ଟମ ସଂସ୍କରଣ, ଯଥା, ପିପିସି ୨୦୨୫ ବିଭିନ୍ନ କ୍ଷେତ୍ରର ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କୁ ସାମିଲ କରିବ, ଯେଉଁମାନେ ସେମାନଙ୍କର ଅଭିଜ୍ଞତା ଏବଂ ଜ୍ଞାନ ବାଣ୍ଟିବେ, ଛାତ୍ରମାନଙ୍କୁ ଜୀବନ ଏବଂ ଶିକ୍ଷାର ପ୍ରମୁଖ ଦିଗ ଉପରେ ମାର୍ଗଦର୍ଶନ କରିବେ । ଏହି ଅଧିବେଶନରେ ଅଂଶଗ୍ରହଣ କରୁଥିବା ଛାତ୍ରମାନେ ମଧ ରାଜ୍ୟ / କେନ୍ଦ୍ରଶାସିତ ଅ□ଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଜାତୀୟ ସ୍ତରୀୟ ବିଦ୍ୟାଳୟ ପ୍ରତିଯୋଗିତାରୁ ଚୟନ ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଛନ୍ତି । ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଏପିସୋଡ୍ ଗୁଡିକ ଧ୍ୟାନ ଦେଇଛି ।

କ୍ରୀଡା ଏବଂ ଅନୁଶାସନ: ଗ ଉ ମାରି କମ୍, ଅଭନି ଲେଖରା, ଏବଂ ସୁହାସ ୟାଥିରାଜ ଅନୁଶାସନ ମାଧ୍ୟମରେ ଲକ୍ଷ୍ୟ ସ୍ଥିର, ସ୍ଥିରତା ଏବଂ ଚାପ ପରିଚାଳନା ବିଷୟରେ ଆଲୋଚନା କରିବେ ।ମାନସିକ ସ୍ୱାସ୍ଥ୍ୟ: ଦୀପିକା ପାଦୁକୋନ୍ ଭାବପ୍ରବଣ ସୁସ୍ଥତା ଏବଂ ଆତ୍ମ-ଅଭିବ୍ୟକ୍ତିର ଗୁରୁତ୍ୱ ବିଷୟରେ ଆଲୋଚନା କରିବେ ।

ପୁଷ୍ଟିକର ଖାଦ୍ୟ: ସୋନାଲି ସାବରୱାଲ୍ ଏବଂ ରୁଜୁଟା ଦିୱେକର୍ ସୁସ୍ଥ ଖାଦ୍ୟ ଅଭ୍ୟାସ ଏବଂ ଏକାଡେମିକ୍ ସଫଳତାରେ ଗୁଣାତ୍ମକ ନିଦ୍ରାର ଭୂମିକାକୁ ଆଲୋକପାତ କରିବେ ୟ ଖାଦ୍ୟ କୃଷକ ଭାବରେ ଜଣାଶୁଣା ରିଭାଣ୍ଟ ହିମାଟିଙ୍ଗକା ଏକ ସୁସ୍ଥ ଜୀବନଶୈଳୀକୁ ଆଗେଇ ନେବା ପାଇଁ ଅନ୍ତର୍ନିହିତ ସୂଚନା ପ୍ରଦାନ କରିବ । ଜ୍ଞାନକୌଶଳର ଏବଂ ଅର୍ଥନୀତି: ଗୌରବ ଚୌଧୁରୀ (ବୈଷୟିକ ଗୁରୁଜୀ) ଏବଂ ରାଧିକା ଗୁପ୍ତା ଶିକ୍ଷା ଏବଂ ଆର୍ଥିକ ସାକ୍ଷରତା ପାଇଁ ଏକ ଉପକରଣ ଭାବରେ ଟେକ୍ନୋଲୋଜି ଅନୁସନ୍ଧାନ କରିବେ । ସୃଜନଶୀଳତା ଏବଂ ସକରାତ୍ମକତା: ବିକ୍ରାନ୍ତ ମାସେ ଏବଂ ଭୂମି ପେଡନେକର ଛାତ୍ରଛାତ୍ରୀମାନଙ୍କୁ ଭିଜୁଆଲାଇଜ୍ ଏବଂ ନକାରାତ୍ମକ ଚିନ୍ତାଧାରାକୁ ମୁକ୍ତ କରିବାକୁ ପ୍ରେରଣା ଯୋଗାଇବେ, ଏକ ସକରାତ୍ମକ ମାନସିକତା ସୃଷ୍ଟି କରିବେ ।

# ବାରବାଟୀ ମ୍ୟାଚ୍ ଖେଳିବେ ନା ନାହିଁ କୋହଲି ?



ନୂଆଦିଲ୍ଲୀ,୭।୨: ଆଣ୍ଠୁରେ ଆଘାତ ଯୋଗୁଁ ଇଂଲଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ନଥିଲେ ବିରାଟ କୋହଲି ତାଙ୍କ ଅନୁପସ୍ଥିତିରେ ମଧ ଟିମ୍ ଇଣ୍ଡିଆ। ୪ ୱିକେଟ୍‌ରେ ବିଜୟୀ ହୋଇଛି ମ୍ୟାଚ୍‌ରେ, ଗିଲ୍ ୮୭ ରନ୍‌ର ଏକ ବିଜୟୀ ଇନିଂସ ଖେଳିଥିଲେ ଏଥିପାଇଁ ସେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବି ବିବେଚିତ ହୋଇଛନ୍ତି ପ୍ରଥମ ଦିନିକିଅ। ପରେ କଟକ ବାରବାଟୀରେ ହେବାକୁ ଥିବା ଦ୍ୱିତୀୟ ଦିନିକିଅ। ଖେଳିବେ କି ନାହିଁ ତାହାକୁ ନେଇ ଟେନ୍‌ସନ୍‌ରେ କ୍ରିକେଟ ପ୍ରେମୀ କିନ୍ତୁ କଟକ ବାରବାଟୀ ମ୍ୟାଚ୍ ପୂର୍ବରୁ ଏବେ ବିରାଟ କୋହଲିଙ୍କ ଫିଟ୍‌ନେସ୍‌କୁ ଆସିଛି ବଡ଼ ଅପଡେଟ୍।

ବାରବାଟୀରେ ବିରାଟ କୋହଲିଙ୍କ ଝଲକ ପାଇବାକୁ ଚାତକ ଭଳି ଚାହିଁ ରହିଛନ୍ତି ପ୍ରଶଂସକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଝଲକ ପାଇବାକୁ ବାରବାଟୀ ଷ୍ଟାଡିୟମ ଟିକେଟ୍ କାଉଣ୍ଟରରେ ଜବରଦସ୍ତ ଭିଡ଼ ଜମାଇଥିଲେ ପ୍ରଶଂସକ ଖାଲି ସେତେକି ନୁହେଁ ବାରବାଟୀ ମ୍ୟାଚ୍ ପାଇଁ ଅନ୍‌ଲାଇନ୍ ଟିକେଟ ମାତ୍ର ଅଧଘଣ୍ଟାରେ ଶେଷ ହୋଇଯାଇଥିଲା। ଏଣୁ ବାରବାଟୀରେ ଯଦି ବିରାଟ କୋହଲି ନଖେଳନ୍ତି ଏହା ପ୍ରଶଂସକଙ୍କ ପାଇଁ ବଡ଼ ଝଟକା ହେବ। ତେବେ ଡ୍ରେସିଂରୁମ୍‌ରୁ ବିରାଟ କୋହଲିଙ୍କୁ ନେଇ ଭଲ ଖବର ଆସୁଛି। ତେବେ ଏହାକୁ ନେଇ ବିସିସିଆଇ କିମ୍ବା ଟିମ୍ ମ୍ୟାନେଜମ୍ୟାଣ୍ଟ୍ କୌଣସି ଅପଡେଟ୍ ଦେଇ ନାହାନ୍ତି।କିନ୍ତୁ ପ୍ରଥମ ଦିନିକିଅ। ପରେ ଶୁଭମନ ଗିଲ୍ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି ତାହା ଫ୍ୟାନ୍ସଙ୍କ ପାଇଁ ନିଶ୍ଚିତ ଭାବରେ ଆଶ୍ୱସ୍ତିକର ଖବର ।

ମ୍ୟାଚ ପୂର୍ବରୁ କୋହଲିଙ୍କ ଆହତ ସମସ୍ୟା ନେଇ କ୍ୟାପଟେନ୍ ରୋହିତ ଶର୍ମା ଅପଡେଟ୍ ଦେଇଥିଲେ। ତାଙ୍କ ଆଣ୍ଠୁ ଫୁଲି ଯାଇଥିବାରୁ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଦିନିକିଅ। ଖେଳି ପାରିନଥିଲେ। ମ୍ୟାଚ୍ ପରେ ଶୁଭମନ ଗିଲ କୋହଲିଙ୍କ ଫିଟ୍‌ନେସ୍‌କୁ ନେଇ ସୂଚନା ଦେଇଥିଲେ। ଗିଲ୍ କହିଥିଲେ ମ୍ୟାଚ୍ ପୂର୍ବଦିନ ସେ ସମ୍ପୂର୍ଣ୍ଣ ଫିଟ୍ ଥିଲେ, ସକାଳୁ ଆମେ ଜାଣିବାକୁ ପାଇଲୁ ଯେ ତାଙ୍କ ଆଣ୍ଠୁରେ ସମସ୍ୟା ଥିଲା। ପରବର୍ତ୍ତୀ ମ୍ୟାଚ୍ ସୁଦ୍ଧା ସେ ଫିଟ୍ ହୋଇଯିବେ। ଆଣ୍ଠୁ ସମସ୍ୟା ଯୋଗୁଁ ଖୁବ୍ କମ୍ ଥର ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଛନ୍ତି ବିରାଟ କୋହଲି। ତେବେ ବାରବାଟୀ ପୂର୍ବରୁ କୋହଲି ଫିଟ୍ ହେଉଛନ୍ତି କି ନାହିଁ ତାହାରି ଉପରେ ରହିଛି ସଭିଙ୍କ ନଜର ।

ସେପଟେ କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟର ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ୨୪୯ ରନ୍ ଟାର୍ଗେଟ୍ ଦେଇଥିଲା ଇଂଲିଶ ଟିମ୍ ବିଜୟ ଲକ୍ଷ୍ୟକୁ ମାତ୍ର ୩୮. ୪ ଓଭରରେ ହାସଲ କରିଛି ଟିମ୍ ଇଣ୍ଡିଆ। ୫ଟି ଟିକିଅ। ଦିନିକିଅ। ସିରିଜ୍‌ରେ ଏବ ୧-୦ରେ ଆଗୁଆ। ରହିଛି ଟିମ୍ ଇଣ୍ଡିଆ।।

# ହିଟ୍‌ମ୍ୟାନ୍‌ଙ୍କ ଫ୍ଲପ୍ ଶୋ

## ୧୬ ପାଳିରେ ରୋହିତ କରିଛନ୍ତି ମାତ୍ର ୧୬୬ ରନ୍

ନୂଆଦିଲ୍ଲୀ ୦୭୦୨: ରୋହିତ୍‌ଙ୍କ କ୍ୟାପଟେନସିରେ ଟିମ୍ ଇଣ୍ଡିଆ। କରିଛି ଦମଦାର୍ ପର୍ଫମାନ୍ସ ୩ ମ୍ୟାଚ୍ ବିଶିଷ୍ଟ ୱାନଡେ ସିରିଜ୍‌କୁ ୪ ୱିକେଟ୍‌ରେ ଜିତିଛି ଟିମ୍ ଇଣ୍ଡିଆ। ବିଜୟରୁ ଅଭିଯାନ ଆରମ୍ଭ କରିଛି ଟିମ୍ ଇଣ୍ଡିଆ। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା ପ୍ରଥମ ଦିନିକିଅ। ଟିମ୍ ଇଣ୍ଡିଆ। ଏକତରଫା ଭାବେ ବିଜୟ ହାସଲ କରି ୧-୦ରେ ରହିଛି ଆଗୁଆ। ।

କିନ୍ତୁ ଅଧିନାୟକ ରୋହିତ ଶର୍ମା କରିଥିଲେ ନିରାଶ ପୁଣି ବ୍ୟାଟିଂ ବିଫଳତାକୁ ନେଇ ଚର୍ଚ୍ଚାରେ ହିଟମ୍ୟାନ୍ ମାତ୍ର ୨ ରନ୍ କରି ସଅଳ ଫେରିଥିଲେ ପ୍ୟାଭିଲିୟନ୍ ଚମ୍ପିଅନ୍ ଟ୍ରଫି ପୂର୍ବରୁ ରୋହିତଙ୍କ ଖରାପ ଫର୍ମ, ଟିମ୍ ମ୍ୟାନେଜମେଣ୍ଟ ପାଇଁ ପାଲଟିଛି । ଏକ ବଡ ଟେନସନ୍ ନାଗପୁରରେ ରୋହିତ ଖେଳିଥିଲେ ୭ଟି ବଲ୍ କିନ୍ତୁ କରିପାରିଥିଲେ। ମାତ୍ର ୨ ରନ୍ ପାକିସ୍ତାନୀ ବଂଶୋଦ୍ଭବ ଦ୍ରୁତ ବୋଲର ସାକିବ ମହମୁଦ ରୋହିତଙ୍କୁ ନିଜର ଇନ୍‌ସ୍ୱିଙ୍ଗର ବଲ୍‌ର ଜାଲରେ ଫସାଇଥିଲେ । ଆଉଟ କରିଥିଲେ କ୍ୟାଚ ଆଉଟ । ଗତ ୧୬ ଇନିଂସରେ ଅଧିନାୟକ ରୋହିତ ଶର୍ମାଙ୍କ ସ୍କୋର ୬,୫,୨୩,୮,୨, ୫୨,୦,୮,୧୮, ୧୧,୩,୬, ୧୦,୩,୯,୨ ରହିଛି। ଏହି ସମୟ ମଧ୍ୟରେ ଅଧିନାୟକ ଲଗାଇ ପାରିଛନ୍ତି। କେବଳ ଗୋଟିଏ ଅର୍ଦ୍ଧଶତକ ଏହି ୧୬ ଇନିଂସରେ ସେ କେବଳ ଦୁଇଥର ୨୦ କିମ୍ବା ତାଠାରୁ ଅଧିକ ସ୍କୋର କରିପାରିଛନ୍ତି ରୋହିତ ଶର୍ମା ୩ଟି ଫର୍ମାଟର ଶେଷ ୧୬ ଇନିଂସରେ କରିଛନ୍ତି କେବଳ ୧୬୬ ରନ।

ଏହି ସମୟ ମଧ୍ୟରେ ତାଙ୍କର ଆଭରେଜ୍ ରହିଥିଲା ମାତ୍ର ୧୦.୩୭ ଯାହା ବହୁତ ଖରାପ ଯାହା ବର୍ତ୍ତମାନ ଚିନ୍ତା



ବଢାଇଛି ।ଟିମ୍ ଇଣ୍ଡିଆ। ଇଂଲଣ୍ଡ ବିପକ୍ଷ ୱାନଡେ ସିରିଜ୍ ପରେ ଖେଳିବ ଚମ୍ପିଅନ୍ ଟ୍ରଫି। ଏହାରି ମଧ୍ୟରେ ହିଟମ୍ୟାନଙ୍କ ଖରାପ ଫର୍ମ ପାଲଟିଛି। ଚିନ୍ତାର କାରଣ ରୋହିତଙ୍କ ପାଖରେ ଏବେ ବି ୨ଟି ମ୍ୟାଚ୍ ରହିଛି। ଯେଉଁଥିରେ ସେ ତାଙ୍କର ଶାନଦାର ଫର୍ମକୁ ଫେରି ପାଇପାରିବେ ।

# ଚୂଡ଼ାନ୍ତ ଏକାଦଶରେ ସାମିଲ ନ ଥିଲେ ଆୟାର

ନୂଆଦିଲ୍ଲୀ,୭।୨: ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଅ।କୁ ଭାରତୀୟ ଟିମ ୪ୱିକେଟରେ ଜିତି ନେଇଛି। ୨୪୯ ରନର ପିଛା କରୁଥିବା ଭାରତୀୟ ଟିମ ଶ୍ରେୟସ ଆୟର ଓ ଶୁବମନ ଗିଲଙ୍କ ଚମତ୍କାର ଅର୍ଦ୍ଧଶତକ ବଳରେ ବେଶ ସହଜରେ ଟାର୍ଗେଟକୁ ହାସଲ କରିନେଇଛି।ଏଥିସହ ୩ଟିକିଅ। ଦିନିକିଅ। ସିରିଜରେ ୧-୦ରେ ଆଗୁଆ। ହୋଇଯାଇଛି ଏବେ ଦ୍ୱିତୀୟ ଦିନିକିଅ। ଦଳ କଟକରେ ଖେଳିବ ଏହି ମ୍ୟାଚ୍ ଜିତିଲେ ସିରିଜ ମଧ କବଜା ହୋଇଯିବ

ତେବେ ପ୍ରଥମ ଦିନିକିଅ।କୁ ନେଇ ଗୋଟିଏ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ନିଜ ଦିନିକିଅ। କ୍ୟାରିୟରର ୧୯ତମ ଅର୍ଦ୍ଧଶତକ ହାସଲ କରି ମ୍ୟାଚ୍ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଶ୍ରେୟସ ଆୟର ପ୍ରକୃତରେ ଚୂଡ଼ାନ୍ତ ଏକାଦଶରେ ନଥିଲେ। ତାଙ୍କୁ ନାଗପୁର ଦିନିକିଅ।ରେ ନ ଖେଳାଇବା ପାଇଁ ଟିମ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଥିଲା। ହେଲେ ଟିମ ଇଣ୍ଡିଆ।ର ଅଧିନାୟକ ରୋହିତ ଶର୍ମା ଶେଷ ମୁହୂର୍ତ୍ତରେ ଶ୍ରେୟସଙ୍କୁ କଲ କରି ନାଗପୁର ଦିନିକିଅ।ରେ ସେ ଖେଳୁଥିବା କହିଥିଲେ।

ରୋହିତଙ୍କ ଫୋନ ଆସିବା ପୂର୍ବରୁ ଶ୍ରେୟସ ଆୟର ଗୋଟିଏ ସିନେମା ଦେଖୁଥିଲେ। ସେ ଚୂଡ଼ାନ୍ତ ଏକାଦଶରେ ନଥିବାରୁ ବିଳମ୍ବିତ ରାତି ଯାଏ ସିନେମା ଦେଖିବେ ବୋଲି ନିଷ୍ପତ୍ତି ନେଇଥିଲେ। କିନ୍ତୁ ହଠାତ୍ ରଣନୀତି ବଦଳିବାରୁ ଶ୍ରେୟସ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିଲେ। ସେ ଏହି ସୁଯୋଗର ଫାଇଦା ଉଠାଇ ନିଜ ଦିନିକିଆ କ୍ୟାରିୟରରେ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ଆୟରଙ୍କ ବଦଳରେ ବିରାଟ କୋହଲି ଚୂଡ଼ାନ୍ତ ଏକାଦଶରେ ରହିଥିଲେ। କିନ୍ତୁ ବିରାଟଙ୍କ ଆଣ୍ଠୁରେ ସମସ୍ୟା ଦେଖା ଯିବାରୁ ଆୟରଙ୍କୁ ସୁଯୋଗ ମିଳିଥିଲା।



ଭାରତ ୨୪୯ ରନର ପିଛା କରୁଥିବା ବେଳେ ୧୯ ରନରେ ୨ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହି ସମୟରେ ଆୟର ୪ନଂରେ ବ୍ୟାଟିଂ କରିବାକୁ ଆସିଥିଲେ ସେ ଆରମ୍ଭରୁ କାଉଣ୍ଟର ଆଟାକ କରିଥିଲେ। ୨ଟି ବଡ଼ ଛକା ଓ ୯ଟି ଚୌକା ବଳରେ ସେ ୩୬ ବଲରେ ବିସ୍ଫୋରକ ୫୯ ରନର ଇନିଂସ ଖେଳିଥିଲେ। ଶ୍ରେୟସଙ୍କ ଦମଦାର ବ୍ୟାଟିଂ ଯୋଗୁ ଇଂଲଣ୍ଡ ସପକ୍ଷରେ ବହୁଥିବା ପବନ ସିଧା ଭାରତକୁ ଆଡ଼କୁ ଚାଲି ଆସିଥିଲ।। ଆୟରଙ୍କ ବ୍ୟତୀତ ଶୁବମନ ଗିଲ ମଧ ୮୭ ରନର ଇନିଂସ ଖେଳିଛନ୍ତି ।ଥିଯୋଗୁ ଭାରତୀୟ ଟିମ ୩୮.୪ ଓଭରରେ ୬ିକେଟ ହରାଇ ଧାର୍ଯ୍ୟ ଟାର୍ଗେଟକୁ ହାସଲ କରି ନେଇଛି।

ନାଟକୀୟ ଢଙ୍ଗରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଶ୍ରେୟସ ଆୟର କହିଛନ୍ତି, ଏହା ଗୋଟିଏ ଚମତ୍କାର କାହାଣୀ। ବୁଧବାର ରାତିରେ ମୁଁ ଗୋଟିଏ ସିନେମା ଦେଖୁଥିଲି। ମୁଁ ରାତି ତମାମ ଏହି ସିନେମାକୁ ଦେଖିବି ବୋଲି ନିଷ୍ପତ୍ତି ନେଇଥିଲି। କିନ୍ତୁ ଫିଲ୍ମ ଦେଖୁଥିବା ବେଳେ ଅଧିନାୟକଙ୍କ ଫୋନ ଆସିଥିଲା ସେ ମୋତେ କହିଥିଲେ ଯେ ତୁମେ ଗୁରୁବାର ଖେଳିପାର। କାରଣ ବିରାଟଙ୍କ ଆଣ୍ଠୁରେ ସମସ୍ୟା ଦେଖାଦେଇଛି। ଏହା ଶୁଣିବା ପରେ ମୁଁ ତରବରିଆ ଭାବେ ମୋ ରୁମ୍‌କୁ ଚାଲି ଯାଇଥିଲି। ସିଧା ଯାଇ ଶୋଇ ପଡ଼ିଥିଲି। ମୁଁ ପ୍ରଥମ ମ୍ୟାଚରେ ଖେଳିବାର ସମ୍ଭାବନା ନଥିଲା। ଦୁର୍ଭାଗ୍ୟବଶତଃ ବିରାଟ ଆହତ ହୋଇଥିଲେ ଓ ମୁଁ ସୁଯୋଗ ପାଇଥିଲି ।କିନ୍ତୁ ମୁଁ ନିଜକୁ ମ୍ୟାଚ୍ ପାଇଁ ପ୍ରସ୍ତୁତ କରି ରଖିଥିଲି ।କାରଣ ମୁଁ ଜାଣିଥିଲି ଯେକୌଣସି ସମୟରେ ମୁଁ ଖେଳିବା ପାଇଁ ସୁଯୋଗ ପାଇପାରେ। ଆୟର ଆହୁରି କହିଛନ୍ତି, ଗତବର୍ଷ ଏସିଅ। କପ ବେଳେ ମଧ ମୋ ସହ ସମାନ ଘଟଣା ଘଟିଥିଲା। ମୁଁ ଆହତ ହୋଇଥିଲି ଓ ମୋ ସ୍ଥାନରେ ଆଉ ଜଣେ ଖେଳି ଶତକ ମାରିଥିଲେ।

ଆୟର ଘରୋଇ କ୍ରିକେଟ ଖେଳିବାକୁ ପୂର୍ବରୁ କୁଣ୍ଠାବୋଧ ପ୍ରକାଶ କରୁଥିବାରୁ ତାଙ୍କୁ ଅନେକ ସମୟରେ ସମାଲୋଚନା ହେବାକୁ ପଡ଼ିଥିଲା। ହେଲେ ଘରୋଇ କ୍ରିକେଟ ଯୋଗୁ ଶ୍ରେୟସ ଚମତ୍କାର ପ୍ରଦର୍ଶନ କରିପାରିଥିବା କହିଛନ୍ତି। ସେ କହିଛନ୍ତି, ସତ କଥା କହିବାକୁ ଗଲେ ମୁଁ ଘରୋଇ କ୍ରିକେଟ ଖେଳିଥିଲି।ଏହା ମୋତେ ଅନେକ କିଛି ଶିକ୍ଷା ଦେଇଛି ଓ କେମିତି ଇନିଂସ ଆଗକୁ ନେବାକୁ ହୁଏ, ସେକଥା ବୁଝାଇଛି ଏହା ମୋ ଫିଟନେସକୁ ମଧ ବୃଦ୍ଧି କରିବାରେ ସହାୟକ ହୋଇଛି।

ଚଳିତ ରଣଜୀ ସିଜିନରେ ଶ୍ରେୟସ ଆୟର ଗୋଟିଏ ଡବଲ ଟନ ସହ ଏକାଧିକ ଶତକ ମାରିଛନ୍ତି। ତାଙ୍କ ନେତୃତ୍ୱରେ ମୁମ୍ବାଇ ସୟିଦ ମୁସ୍ତାକ ଅଲୀ ଟି-୨୦ ଟ୍ରଫି ମଧ ଜିତିଥିଲା ।ଇଂଲଣ୍ଡ ବିପକ୍ଷ ଦିନିକିଅ।ରେ ଆୟର କ୍ରିଜକୁ ଆସିବା କ୍ଷଣି ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ମିଡ ୱିକେଟରେ ଛକା ମାରିଥିଲେ। ଏହାପରେ ତାଙ୍କ ବ୍ୟାଟରୁ ଥାର୍ଡମ୍ୟାନ ଅଞ୍ଚଳରେ ଆଉ ଏକ ଛକା ଦେଖିବାକୁ ମିଳିଥିଲା ଆୟର ସ୍ୱତନ୍ତ୍ର ଭାବେ ପେସ୍ ବୋଲିଂ ଆଟାକର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ଆସିଥିଲେ। ତାଙ୍କ ଇନିଂସରେ ମଧ ଏହାର ଝଲକ ଦେଖିବାକୁ ମିଳିଥିଲା।

# ବ୍ୟାଡମିଣ୍ଟନ୍‌ରେ ନୂଆ ସ୍କୋରିଂ ସିଷ୍ଟମ୍



ନୂଆଦିଲ୍ଲୀ,୭।୨: ବ୍ୟାଡମିଣ୍ଟନ ଖେଳ ବିଶ୍ୱର ଲୋକପ୍ରିୟ ଖେଳ ମଧ୍ୟରୁ ଗୋଟିଏ ସାରା ବିଶ୍ୱରେ ଏହାକୁ ଖେଳାଯାଏ। ଭାରତର ଜ୍ୱାଲା ଗୁପ୍ତା, ପିଭି ସିନ୍ଧୁ ଏବଂ ସାଇନା ନେହ୍ୱାଲଙ୍କ ଭଳି ତାରକା ଖ୍ୟାତି ଅର୍ଜନ କରିଛନ୍ତି ।ନିକଟରେ ବିଶ୍ୱ ଫେଡେରେଶନ (ବିଡବ୍ଲୁଏଫ) ବ୍ୟାଡମିଣ୍ଟନ୍‌କୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି। ବିଡବ୍ଲୁଏଫର ନିଷ୍ପତ୍ତି ପରେ ଏହି ଖେଳ ସମ୍ପୂର୍ଣ୍ଣ ଭାବେ ବଦଳିଯିବ। ଏଥିରେ ପୁରୁଣା ସ୍କୋରିଂ ସିଷ୍ଟମ ବଦଳରେ ଏକ ନୂତନ ସ୍କୋରିଂ ସିଷ୍ଟମ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିଯୋଗୁ ବ୍ୟାଡମିଣ୍ଟନରେ କଣ ପରିବର୍ତ୍ତନ ହେବ ଆସନ୍ତୁ ଜାଣିବା ?

ବ୍ୟାଡମିଣ୍ଟନକୁ ନେଇ ବିଶ୍ୱ ଫେଡେରେସନ (ବିଡବ୍ଲୁଏଫ) ନଭେମ୍ବର ୨୦୨୪ରେ ମାଲେସିଆରେ ଏକ ନୂତନ ସ୍କୋରିଂ ସିଷ୍ଟମ ପ୍ରସ୍ତାବ ଦେଇଥିଲା। ବର୍ତ୍ତମାନ ବ୍ୟାଡମିଣ୍ଟନ୍ ତିନୋଟି ସେଟରେ ଖେଳାଯାଉଛି। ଆଗାମୀ ଦିନରେ ଖେଳ ପୂର୍ବଭଳି ତିନୋଟି ସେଟରେ ଜାରି ରହିବ, କିନ୍ତୁ ପଏଣ୍ଟ ପରିବର୍ତ୍ତନ ହେବ। ପୂର୍ବରୁ ପ୍ରତ୍ୟେକ ସେଟରେ ୨୧ ପଏଣ୍ଟ ଥିଲା। କିନ୍ତୁ ଏବେ ପ୍ରତ୍ୟେକ ସେଟରେ ୧୫ ପଏଣ୍ଟ ରହିବ। ଏହାର ସବୁଠାରୁ ବଡ଼ ସୁବିଧା ହେବ ଯେ ଖେଳଟି ଏବେ ପୂର୍ବ ଅପେକ୍ଷା ଛୋଟ ହେବ, ଯାହା ଦର୍ଶକଙ୍କୁ ଅଧିକ ମନୋରଞ୍ଜନ ଯୋଗାଇବ ।ଏଥିସହ ଖେଳାଳିମାନେ ଆହତ ହେବାର ସମ୍ଭାବନା ହ୍ରାସ ପାଇବ।

ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ନୂତନ ସ୍କୋରିଂ ସିଷ୍ଟମ କେବେ କାର୍ଯ୍ୟକାରୀ ହେବ ? ପ୍ରାୟ ତିନି ମାସ ପୂର୍ବରୁ ଏହି ପ୍ରସ୍ତାବ ଦେଇଥିଲା ତଥାପି ଏହାକୁ କାର୍ଯ୍ୟକାରୀ କରିବା ପାଇଁ କିଛି ସମୟ ଲାଗିବ। ପ୍ରଥମେ ଏହାକୁ ପରୀକ୍ଷା କରାଯିବ। ସଫଳ ପରୀକ୍ଷଣ ପରେ ହିଁ ନୂତନ ସ୍କୋରିଂ ସିଷ୍ଟମ କାର୍ଯ୍ୟକାରୀ ହେବ। ତେବେ ଏହାକୁ ଗ୍ରେଡ ୩ ଟୁର୍ଣ୍ଣାମେଣ୍ଟ, ଜାତୀୟ ଟୁର୍ଣ୍ଣାମେଣ୍ଟ, ଜାତୀୟ ଏବଂ ଅନ୍ତର୍ଜାତୀୟ ଲିଗ୍ ଏବଂ ମହାଦେଶୀୟ ଚମ୍ପିଅନଶିପରେ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। କୁହାଯାଉଛି ଯେ ନୂତନ ସ୍କୋରିଂ ସିଷ୍ଟମ ଏପ୍ରିଲ ୨୦୨୫ ରୁ ସେପ୍ଟେମ୍ବର-ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପରୀକ୍ଷଣ କରାଯିବ। ଏହା ପରେ ଖେଳାଳି, ପ୍ରଶିକ୍ଷକ ଏବଂ ଅଂଶୀଦାରମାନଙ୍କ ସହିତ କଥା ହୋଇ ଏବଂ ପରାମର୍ଶ ଏବଂ ମତାମତ ନେଇ ୨୦୨୬ରୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇପାରିବ। ସେହି ସମୟରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବ। ଯେଉଁଥିରେ କିଛି ନିଷ୍କର୍ଷରେ ପହଞ୍ଚିବାର ସମ୍ଭାବନା ରହିଛି। ମୂଳତଃ ଏହିଖେଳ କେବଳ ୧୫ ପଏଣ୍ଟରେ ଥିଲା ଏହା ସତ୍ତ୍ୱେ ଖେଳଟି ବର୍ତ୍ତମାନ ଅପେକ୍ଷା ବହୁତ ଅଧିକ ସମୟ ପର୍ଯ୍ୟନ୍ତ ଚାଲୁଥିଲା। ସେତେବେଳେ ଏହାର ନିୟମ ଅଲଗା ଭିନ୍ନ ଥିଲା।



# ଏକେ-୪୭ ଧରିଲେ ଫୁଟବଲ ଖେଳାଳି

ନୂଆଦିଲ୍ଲୀ,୭।୨: ମଣିପୁରର କଙ୍ଗପୋକପି ଜିଲ୍ଲାରେ ଏକ ଫୁଟବଲ୍ ମ୍ୟାଚ୍ ସମୟରେ ଖେଳାଳିମାନେ ଖୋଲାଖୋଲି ଭାବେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓରେ ଫୁଟବଲ୍ ଜର୍ସି ପିନ୍ଧିଥିବା ଅନେକ ଖେଳାଳି ଏକେ-୪୭ ଏବଂ ଏମ ସିରିଜ୍ ରାଇଫଲ୍ ଭଳି ସ୍ୱୟଂଚାଳିତ ଆସଲ୍ଟ ରାଇଫଲ୍ ସହିତ ଫୁଟବଲ୍ ଖେଳୁଥିବାର ଦେଖିବାକୁ ମିଳୁଛି।ଏହି ଘଟଣାଟି ଜାନୁଆରି ୨୦ ତାରିଖରେ ଘଟିଥିବା କୁହାଯାଉଛି ।ଭିଡିଓରେ ଦେଖାଯାଉଥିବା ପୋଷ୍ଟରରେ ଦେଖାଯାଉଛି ଯେ ମ୍ୟାଚ ଜାନୁଆରି ୨୦ ତାରିଖରେ (ଏଲ) ନୋହଜାଙ୍ଗ କିପଜେନ୍ ମେମୋରିଆଲ୍ ପ୍ଲେଗ୍ରାଉଣ୍ଡ, କେ ଗାମନୋମ୍ଫାଇରେ ଆୟୋଜିତ ହୋଇଥିଲା ।ଭାଇରାଲ୍ ଭିଡିଓଟି ପ୍ରଥମେ ନାମ୍ପି ରୋମିଓ ହନସୋଙ୍ଗ ନାମକ ଜଣେ ସୋସିଆଲ ମିଡିଆ। ବ୍ୟବହାରକାରୀଙ୍କ ଦ୍ୱାରା ଇନଷ୍ଟାଗ୍ରାମରେ ପୋଷ୍ଟ କରାଯାଇଥିଲା। ପରେ ହନସୋଙ୍ଗ ଭିଡିଓଟିକୁ ଡିଲିଟ୍ କରିଦେଇ ଆଉ ଏକ ଛୋଟ ଭିଡିଓ ପୋଷ୍ଟ କରିଥିଲେ, ଯେଉଁଥିରେ ସଶସ୍ତ୍ର ବ୍ୟକ୍ତିମାନେ ଆଉ ଦେଖାଯାଇ ନଥିଲେ। ମଇତେଇ ହେରିଟେଜ୍ ସୋସାଇଟି ନାମକ ଏକ ନାଗରିକ ସଙ୍ଗଠନ ଏକ୍ସରେ ଏକ ପୋଷ୍ଟ ସେୟାର କରି ଦାବି କରିଛି ଯେ କର୍ତ୍ତୃପକ୍ଷ ଅସ୍ତ୍ରଶସ୍ତ୍ରର ଏହି ଖୋଲା ପ୍ରଦର୍ଶନର ତଦନ୍ତ କରନ୍ତୁ ମଣିପୁରରେ ଏକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।ଏଦୃଶ୍ୟ ଦେଖି ସବୁଠାରୁ ବିବ୍ରତକର କଥା ହେଉଛି ତଥାକଥିତ ଫୁଟବଲ୍ ଖେଳାଳିମାନଙ୍କ ଦ୍ୱାରା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଖୋଲା ପ୍ରଦର୍ଶନ କରାଗଲା ଭଳି ଅନୁଭବ ହେଉଛି।

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ

# ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚମ୍ପିଅନ



ଖୋର୍ଦ୍ଧା: ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ। ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୂଲ୍ୟ ରେ ଉଦଯାପନୀ ଦିବସ ରେ ପଏଣ୍ଟ ଟେବୁଲ୍ ରେ ଶୀର୍ଷ ରେ ରହି ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚମ୍ପିଅନ ଓ କେ ଟି ଗ୍ଲୋବାଲ ଦଳ ଉପ ବିଜେତା ଭାବେ ଘୋଷିତ ହୋଇଛନ୍ତି। ଆଜିର ଅନ୍ତିମ ଲିଗ୍ ମ୍ୟାଚ୍ ରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବ୍ଲୁବାର୍ଡ କ୍ଲବ୍ ଗୁରୁଜଙ୍ଗ କୁ ୧୦ ୱିକେଟ ରେ ହରାଇବା ସହ ସମସ୍ତ ଲିଗ୍ ମ୍ୟାଚ୍ ରେ ବିଜୟୀ ହୋଇ ଚମ୍ପିଅନ ଓ ଦ୍ୱିତୀୟ ସ୍ଥାନରେ ରହି କେ ଟି ଗ୍ଲୋବାଲ କ୍ଲବ୍ ଉପ ବିଜେତା ହୋଇଛନ୍ତି। ଗୁରୁଜଙ୍ଗ ଦଳ ଟସ୍ ରେ ବିଜୟ ହୋଇ ପ୍ରଥମେ ବ୍ୟାଟିଂ କରି ୩୮.୩ ଓଭର ରେ ସମସ୍ତ ୱିକେଟ୍ ହରାଇ ୨୦୦ ରନ କରିଥିଲେଦଳ ପକ୍ଷରୁ ରୁଦ୍ର ପ୍ରାସାଦମଲ୍ଲିକ ୧୧୭ ରନ୍ କରିଥିବାବେଳେ ଖୋର୍ଦ୍ଧା ତରଫରୁ ଅଭିଜିତ ମହାନ୍ତି ୪ ଟି ିକେଟ ନେଇଥିଲେଜବାବରେ ଖୋର୍ଦ୍ଧା ଦଳ ୨୨ ଓଭର ରେ କୌଣସି ୱିକେଟ୍ ନହରାଇ ଆବଶ୍ୟକ ୨୦୧ ରନ୍ କରିନେଇଥିଲେ ଖୋର୍ଦ୍ଧା ଦଳ ପକ୍ଷରୁ ପ୍ରତ୍ୟୁଷ ମହାନ୍ତି ୭୦ ବଲ ରୁ ୨୩ ଚଉକା ଓ ୯ ଛକା ସହ ଅପରାଜିତ ୧୫୩ ରନ ଓ ଦେବାଂସୁ ଜେନା ଅପରାଜିତ ୩୭ ରନ ସଂଗ୍ରହ କରିଥିଲେ ଖେଳକୁ ପ୍ରିତିରଞ୍ଜନ ବିଜୟଶିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ସୁଧୀର ସାହୁ ଓ ବ୍ରିଜେଶ ପ୍ରଧାନ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ।

ଆଜିର ମ୍ୟାଚ୍ ରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘ ର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ସମ୍ପାଦକ ତଥା ଓ ସି ଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ,ଚଣ୍ଡି ପ୍ରସାଦ ଆଚାର୍ଯ୍ୟ,କୋଚ ରୋହିତ ରଞ୍ଜନ ରୟ,ଉତ୍କଳ ସାମ୍ବାଦିକ ସଂଘ ସଭାପତି ତଥା କ୍ରିକେଟ୍ ସମର୍ଥକ ଅବ୍ୟକ୍ତ ହରିହର ଖାଡଙ୍ଗା ଓ ବହୁ ନେତୃବୃନ୍ଦ ତଥା କ୍ରୀଡା ସମର୍ଥକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।



ଟେଷ୍ଟ କ୍ୟାରିୟରର ୩୬ତମ ଶତକ ହାସଲ କରିବା ଅବସରରେ ଷ୍ଟିଭ୍ ସ୍ମିଥ୍।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ